

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୪୫ ● ୨୨ ଜୁନ୍ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-145 ● 22nd June 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24

# ଆଜି ସ୍ନାନ ମଣ୍ଡପରେ ଦର୍ଶନ ଦେବେ ଶ୍ରୀଜୀଉ

## ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା

ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ



ଶନିବାର ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନ ମଣ୍ଡପରେ ଦର୍ଶନ ଦେବେ ଶ୍ରୀଜୀଉ। ତିନି ଠାକୁରଙ୍କ ଗଜବେଶ ଦେଖିବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ଚାରି ପାର୍ଶ୍ୱ ସହ ସିଂହଦ୍ୱାରରେ ଜମିବ ଭକ୍ତଙ୍କ ଭିଡ଼। ଖାଲି ଯେ ଶ୍ରୀମନ୍ଦିର କିମ୍ବା ଏହାର ଚତୁଃପାର୍ଶ୍ୱରେ ଭିଡ଼ ଜମିବ ତାହା ନୁହେଁ, ସମୁଦ୍ର ବେଳାଭୂମିରେ ବି ଲାଗିବ ପର୍ଯ୍ୟଟକ ତଥା ଯାତ୍ରୀଙ୍କ ଭିଡ଼। ସହରର ବିଭିନ୍ନ ଗଳିକନ୍ଦି ଜାମ ହେବାର ଆକଳନ କରାଯାଇଛି । ତେଣୁ ଏହି ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି।

ପୁରୀ ଜିଲ୍ଲା ଏସ୍‌ପି ପିନାକ ମିଶ୍ରଙ୍କ ସୂଚନା ଅନୁସାରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ଏଥିରେ ୪ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି ଲେବୁଲ ଅଫିସରଙ୍କ ସହ ୧୫ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପନି, ୩୦ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୬୫ ଜଣ ସୁବେଦାର ତଥା ଇନ୍ସପେକ୍ଟର, ୩୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୧ ଜଣ ହାବିଲ୍‌ଦାର, ୧୨ ଜଣ ଟ୍ରାଫିକ ହାବିଲ୍‌ଦାର, ୩୬୫ ଜଣ କନଷ୍ଟେବଲ, ୫୨ ଜଣ ଟ୍ରାଫିକ କନଷ୍ଟେବଲ, ୫୯୪ ଜଣ ହୋମ୍‌ଗାର୍ଡ ଏବଂ ୬୮ ପ୍ଲାଟୁନ ୧ ସେକ୍ସନ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଛି।

ଏହି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ ଶ୍ରୀମନ୍ଦିର ଭିତରେ ଜଣେ କମାଣ୍ଡାଣ୍ଟ ତଥା ଏସ୍‌ପି, ୬ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୧୩ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୨୭ ଜଣ ସୁବେଦାର ତଥା ଇନ୍ସପେକ୍ଟର, ୧୦୫ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୨ ଜଣ ହାବିଲ୍‌ଦାର୍, ୧୨୨ ଜଣ କନଷ୍ଟେବଲ, ୮୪ ଜଣ ହୋମଗାର୍ଡ ଏବଂ ୩୪ ପ୍ଲାଟୁନ ଫୋର୍ସ ଜଗିବେ। ଶ୍ରୀମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ୨ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି, ୫ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୮ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୨୪ ଜଣ ସୁବେଦାର ତଥା ଇନ୍ସପେକ୍ଟର, ୯୯ ଜଣ ଏସଆଇ ଓ ଏଏସଆଇ, ୪୧ ଜଣ କନେଷ୍ଟବଲ, ୬ ଜଣ ଟ୍ରାଫିକ କନଷ୍ଟେବଲ, ୩୪ ଜଣ ହୋମଗାର୍ଡ ଏବଂ ୨୩ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଶ୍ରଦ୍ଧାଳୁ ଓ ଭିଆଇପିଙ୍କ ସୁରକ୍ଷା ପାଇଁ ଜଣେ ଡେପୁଟି କମାଣ୍ଡାଣ୍ଟ (ପୃଷ୍ଠା ୭ରେ)

# ଶ୍ରୀନଗରରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କଲେ ମୋଦି

ନୂଆଦିଲ୍ଲୀ, ୨୧।୬



ଶୁକ୍ରବାର ବିଶ୍ୱ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛନ୍ତି।

ଡାଲ ହ୍ରଦ କୂଳରେ ଥିବା ଶେର-କଶ୍ମୀର ଆନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ସକାଳ ୬.୩୦ରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସହରରେ ପ୍ରବଳ ବର୍ଷା ହେତୁ ବ୍ୟାହତ ହୋଇଥିଲା। ବାହାରେ ବର୍ଷା ହେବା ହେତୁ ପରେ ଭିତରେ ଯୋଗ କରିବାର ବନ୍ଦୋବସ୍ତ କରାଯାଇଥିଲା ଓ ପ୍ରଧାନମନ୍ତ୍ରୀ ସେଠାରେ ଯୋଗ କରିଛନ୍ତି।

ବର୍ଷା ବନ୍ଦ ହେବା ପରେ ପ୍ରଧାନମନ୍ତ୍ରୀ ଡାଲ ହ୍ରଦରୁ ତାଙ୍କ ଫଟୋ ସେୟାର କରିଛନ୍ତି । ଯୋଗ କିପରି ଯୁବ ମନ ଏବଂ ଶରୀର ଉପରେ ଗଭୀର ପ୍ରଭାବ ପକାଏ ତାହା ଉପରେ ଆଲୋକପାତ କରାଯାଇଛି। ଯୋଗ ଅଭ୍ୟାସରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିବା, ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏହି ଉତ୍ସବର ଲକ୍ଷ୍ୟ।

ଚଳିତ ବର୍ଷ ଯୋଗ ଦିବସ ବିଷୟବସ୍ତୁ ରହିଛି ନିଜ ପାଇଁ ଓ ସମାଜ ପାଇଁ ଯୋଗ ଉଭୟ ବ୍ୟକ୍ତିଗତ ସୁସ୍ଥତା ଏବଂ ସାମାଜିକ ସମନ୍ୱୟ ରକ୍ଷା କରିବାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ସମାବେଶକୁ ସମ୍ବୋଧିତ କରି କହିଛନ୍ତି ଯେ ଦିନଟି ବିଶ୍ୱରେ ନୂଆ ରେକର୍ଡ ସୃଷ୍ଟି କରୁଛି।

ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯୋଗ ଦିବସରେ ଦେଶର ବିଭିନ୍ନ କୋଣରେ ଯୋଗ ପ୍ରଦର୍ଶନ କରୁଥିବା ଲୋକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ସାରା ବିଶ୍ୱରେ ଯୋଗ ଅଭ୍ୟାସ କରୁଥିବା ଲୋକଙ୍କ ସଂଖ୍ୟା ବଢିବାରେ ଲାଗିଛି।

# ୨୦୩୬ ପର୍ଯ୍ୟନ୍ତ ହକି ଇଣ୍ଡିଆର ପ୍ରାୟୋଜକ ରହିବ ଓଡ଼ିଶା



ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ୨୦୩୬ ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ। ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓ ମହାସଚିବ ଭୋଲାନାଥ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ଭାରତୀୟ ହକି ଦଳର ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏଠାରେ ସୂଚନାଯୋଗ୍ୟ ୨୦୧୮ ମସିହାରୁ ଓଡ଼ିଶା ସରକାର ହକି ଇଣ୍ଡିଆର ପ୍ରାୟୋଜକ ଦାୟିତ୍ୱ ନେଇଥିଲେ। ନବୀନ ପଟ୍ଟନାୟକ ସରକାର ୨୦୩୩ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରଯୋଜକ ରହିବା ପାଇଁ ଯୋଜନା କରିଥିଲେ। ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅବଧିକୁ ଆଉ ୩ ବର୍ଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ହକିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ବୈଠକରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଦିନ ୨ ଘଣ୍ଟା ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଦିନ ୨ ଘଣ୍ଟା ପାଇଁ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବେ। ଶୁକ୍ରବାରଠାରୁ ଏହି ଅଭିଯୋଗ ଶୁଣାଣୀ ଆରମ୍ଭ ହୋଇଛି।

ଭୁବନେଶ୍ୱରରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଅତିଥି ଭବନ କାର୍ଯ୍ୟାଳୟରେ ଅପରାହ୍ନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ଶୁଣିବେ ଏବଂ ଅଭିଯୋଗ ପତ୍ର ଗ୍ରହଣ କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ।

ସୂଚନା ଯୋଗ୍ୟ ଯେ ନୂଆ ସରକାର ଗଠନ ପରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ମୋହନ ଚରଣ ମାଝୀ ଲୋକପ୍ରିୟତା ହାସଲ କରିଛନ୍ତି । ବିଭିନ୍ନ ସମୟରେ ସେ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ନୂଆ ଓଡ଼ିଶା, ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ



ଏକ ନୂଆ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୋଗ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାକୁ ସମାଜର ସବୁ ସ୍ତରକୁ ନେବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ସକାଳେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ସକାଳ ୭ ଟା ଠାରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ ଘଣ୍ଟାରୁ ଅଧିକ ସମୟ ଧରି ଯୋଗ ଅଭ୍ୟାସ କରାଯାଇ ଥିଲା। ଚଳିତ ବର୍ଷ ଯୋଗର ଥିମ୍ ଥିଲା 'ନିଜ ପାଇଁ ଯୋଗ ଓ ସମାଜ ପାଇଁ ଯୋଗ'। ପ୍ରାୟ ଏକ ହଜାରରୁ ଅଧିକ ଲୋକ, ଅଧିକାରୀ, କ୍ରୀଡାବିତ୍, ଛାତ୍ର ଛାତ୍ରୀ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁଖ୍ୟ ଶାସନ ସଚିବ ପି କେ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ। ରାଜ୍ୟର ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମନ୍ତ୍ରୀ, ସାଂସଦ, ବିଧାୟକ ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଧୁନିକ ଯୁଗରେ ସମସ୍ତେ ଚାପ ଗ୍ରସ୍ତ ହୋଇ ରହୁଛନ୍ତି। ଯୋଗ ଦ୍ୱାରା ଶରୀର ଓ ମନ ଭିତରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା କରି ଏହି ଚାପକୁ ଦୂର କରି ହେବ ଓ ଏକ ସୁସ୍ଥ ସମାଜ ଗଠନ କରି ହେବ। ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରି ଆମେ ଏକ ସୁସ୍ଥ ଏ ସୁନ୍ଦର ଜୀବନ ହାସଲ କରିପାରିବା। କେବଳ ଏହି ଗୋଟିଏ ଦିନ (ପୃଷ୍ଠା ୭ରେ)

# ପାଣିପାଗ ବିଭାଗର ସୂଚନା: ରାଜ୍ୟର ୨୪ ଜିଲ୍ଲାକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ



ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର ୨୪ ଜିଲ୍ଲାକୁ ଛୁଇଁଛି । ଗ୍ରୀଷ୍ମ ଲହରିରେ ବ୍ରେକ ଲାଗିଛି । ଲୋକଙ୍କୁ ଆଶ୍ୱସ୍ତି ମିଳିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଦିନେ ଦୁଇଦିନ ମଧ୍ୟରେ ରାଜ୍ୟର ଅନ୍ୟ ୬ଟି ଜିଲ୍ଲାକୁ ମୌସୁମୀ ଛୁଇଁବ।

ସୂଚନାଯୋଗ୍ୟ, ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତମାସରେ ଛୁଇଁଥିଲା। କେରଳରେ ଏହା ମେ' ମାସ ୩୦ ତାରିଖରେ ସ୍ପର୍ଶ କରିଥିଲା । ଓଡ଼ିଶାରେ ମୌସୁମୀ ବାୟୁ ଜୁନ୍ ୮ ତାରିଖରେ ଛୁଇଁଥିଲା। ମୌସୁମୀ ବାୟୁ ସ୍ପର୍ଶ କଲା ପରେ ମାଲକାନଗିରିରେ ପ୍ରବଳ ବର୍ଷା ହୋଇଥିଲ। ୨୪ ଘଣ୍ଟା ମଧ୍ୟରେ ଏଠାରେ ସର୍ବାଧିକ ୫୫.୫ମିମି ବର୍ଷା (ପୃଷ୍ଠା ୭ରେ)

# ଜୁଲାଇରେ ଆସିବ କାମଚଳା ବଜେଟ୍

ଭୁବନେଶ୍ୱର, ୨୧।୬

ନ୍ୟୁଜ୍ ବ୍ୟୁରୋ



୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଆଣାଯିବା ପୂର୍ବରୁ ଆସନ୍ତା ଜୁଲାଇରେ କାମଚଳା ବଜେଟ୍ ବା ଲେଖାନୁଦାନ ଆଗତ କରାଯିବ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ପୂର୍ବର ସରକାର ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ପର୍ଯ୍ୟନ୍ତ ଲେଖାନୁଦାନ (କାମଚଳା ବଜେଟ) ଆଗତ କରିଥିଲେ। ବର୍ତ୍ତମାନର ନୂଆ ସରକାର ଆଉ ଏକ ଲେଖାନୁଦାନ ଆଗତ କରିବେ । ତାପରେ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଆସିବ। ସଂସଦରେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ପରେ ହିଁ ଓଡ଼ିଶାରେ ବିଜେପି ସରକାର ନିଜର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ପାଣ୍ଠି ଆବଣ୍ଟନକୁ ଦେଖିବା ପରେ ରାଜ୍ୟ ବଜେଟ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ଶ୍ରୀ ସିଂହଦେଓ ଜିଏସଟି କାଉନସିଲ ବୈଠକ ଓ କେନ୍ଦ୍ରୀୟ ପ୍ରାକ ବଜେଟ ଆଲୋଚନା ଉପରେ ରାଜ୍ୟ ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେବାକୁ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ସ୍ନାନ ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ବଦଳରେ ଶ୍ରୀ ସିଂହଦେଓ ଦିଲ୍ଲୀରେ ଓଡ଼ିଶାର (ପୃଷ୍ଠା ୭ରେ)

## ଏକାଳ ସକାଳ



ଅଭିଯୋଗ କରିପାରିବେ ଜନତା
ମୁଖିଆ ଶୁଣିବେ ନିଇତି
ଜଣାପଡୁଅଛି ପ୍ରଜାଙ୍କୁ କେତେ
ନେତା କରୁଛନ୍ତି ପ୍ରୀତି
ରହିବନି ଲାଗେ ଭୀତି
ସୁଖଦୁଃଖରେ ସାଥିରେ ରହିଲେ
ସବୁ ମନ ଯିବେ ଜିତି।

# ୫୩ ବର୍ଷ ପରେ ବିରଳ ସଂଯୋଗ, ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା



ପୁରୀ, ୨୧।୬ : ନ୍ୟୁଜ୍ ବ୍ୟୁରୋ

ଆଉ ଦିନ କେଇଟା ପରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥ, ପଥ ସଜେଇ ହେଉଛି । ଚଳିତ ବର୍ଷ ରଥଯାତ୍ରା ସ୍ମରଣୀୟ ରହିବ। କାରଣ ଏଥର ଗୋଟିଏ ଦିନରେ ମହାପ୍ରଭୁଙ୍କ ନେତ୍ରୋତ୍ସବ ସାଙ୍ଗକୁ ନବଯୌବନ ଦର୍ଶନ ଓ ରଥଯାତ୍ରା ପଡୁଛି । ଏହି କାରଣରୁ ଏଥର ଭକ୍ତମାନେ ଦୁଇ ଦିନ ମହାପ୍ରଭୁଙ୍କ ରଥ ଟାଣିବାର ସୁଯୋଗ ପାଇବେ।

ଦୀର୍ଘ ୫୩ ବର୍ଷ ପରେ ଶ୍ରୀମନ୍ଦିରରେ ଏହିପରି ବିରଳ ସଂଯୋଗ ପଡୁଛି । ୧୯୭୧ ମସିହାରେ ଗୋଟିଏ ଦିନରେ ତିନି ତିନିଟି ନୀତିକାନ୍ତି ସମ୍ପନ୍ନ ହୋଇଥିବାର ଇତିହାସ ରହିଛି।

ମନ୍ଦିର ନୀତି କ୍ୟାଲେଣ୍ଡର ଅନୁଯାୟୀ, ଜୁଲାଇ ୬ରେ ରଥ ଆଜ୍ଞାମାଳ ବିଜେ କରାଯିବା ପରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ରଥଯାତ୍ରା ଗୋଟିଏ ଦିନରେ ଅର୍ଥାତ ଜୁଲାଇ ୭ରେ ଅନୁଷ୍ଠିତ ହେବ। ଜୁଲାଇ ୭ରେ ରଥଯାତ୍ରା ହେଉଥିଲେ ମଧ୍ୟ ଏହି ଦିନ ଠାକୁର ମାଉସୀ ମା' ମନ୍ଦିରରେ ପହଞ୍ଚି ପାରିବେ ନାହିଁ । ଏହା ପର ଦିନ ଅର୍ଥାତ ଜୁଲାଇ ୮ରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। (ପୃଷ୍ଠା ୭ରେ)

## ଝାରସୁଗୁଡା ବିଧାନସଭା ନିର୍ବାଚନ

# ୧୩ ବୁଥ୍‌ରେ ଇଭିଏମ୍-ଭିଭିପାଟ୍ ଯାଞ୍ଚ ହେବ

ଝାରସୁଗୁଡା, ୨୧।୬ : ନ୍ୟୁଜ୍ ବ୍ୟୁରୋ



୨୦୨୪ ସାଧାରଣ ନିର୍ବାଚନରେ ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ୧୩୩୦ ଭୋଟ୍‌ରେ ହାରିଯାଇଥିବା ଦୀପାଳି ଦାସ ଇଭିଏମ୍ ଓ ଭିଭିପାଟ୍ ଯାଞ୍ଚ ପାଇଁ କରିଥିବା ଆବେଦନକୁ ଭାରତୀୟ ନିର୍ବାଚନ କମିଶନ ଗ୍ରହଣ କରି ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। କମିଶନଙ୍କ ଆଦେଶ ଅନୁସାରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ୧୩ଟି ବୁଥ୍‌ରେ ବ୍ୟବହୃତ ହୋଇଥିବା ଇଭିଏମ୍ ଓ ଭିଭିପାଟ୍‌ର ଯାଞ୍ଚ କରାଯିବ। ଏଠାରେ ସୂଚନାଯୋଗ୍ୟ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଜଣେ ପ୍ରାର୍ଥୀ ତାଙ୍କ ଭୋଟ୍ ସଂଖ୍ୟା ଜାଣିବାକୁ ଚାହିଁଲେ ଇଭିଏମ୍-ଭିଭିପାଟ୍ ଯାଞ୍ଚ ପାଇଁ ଆବେଦନ କରିପାରିବେ। ଭାରତର ଜଣେ ନାଗରିକ ହିସାବରେ ସେ ଏହି ନିୟମ ଅନୁସାରେ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିଥିଲେ। କମିଶନ ଏବେ ଏହାର ଯାଞ୍ଚ ପାଇଁ ଆଦେଶ ଦେଇଛନ୍ତି। ଝାରସୁଗୁଡା ଆସନରୁ ନିର୍ବାଚନ ଲଢି ସେ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୨ ଜୁନ୍ ୨୦୨୪ ଶନିବାର





# ଅପହୃତା ମହିଳାଙ୍କୁ ଉଦ୍ଧାର କଲା କମିଶନରେଟ ପୋଲିସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚନ୍ଦକା ଥାନା ଅଞ୍ଚଳରୁ କେତେକ ଦୁର୍ବୃତ୍ତ ଅପହରଣ କରି ନେଇ ମୁଣ୍ଡଜାମିନରେ ରଖିଥିବା ଜଣେ ମହିଳାଙ୍କୁ କମିଶନରେଟ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି । ଅପହୃତା ମହିଳା ହେଲେ ସ୍ମୃତିରେଖା ପାଣି । ମହିଳାଙ୍କୁ ମୁଣ୍ଡଜାମିନ୍ ବାବଦରେ ଅପହରଣକାରୀମାନେ କୋଟିଏ ଟଙ୍କା ଦାବି କରିଥିଲେ । ଟଙ୍କା ନ ଦେଲେ ମହିଳାଙ୍କୁ ଜୀବନରୁ ମାରିଦେବେ ବୋଲି ଅପହରଣକାରୀମାନେ ଧମକ ଦେଇଥିଲେ । ଏନେଇ ଚନ୍ଦକା ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା । କମିଶନରେଟ୍ ପୁଲିସ ପକ୍ଷରୁ ୬ଟି ଟିମ୍ ଗଠନ କରାଯାଇଥିବା ବେଳେ ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ ଚଳାଇଥିଲା । ମହିଳାଙ୍କ ନମ୍ବରରୁ ଧମକ ଆସିଥିବାରୁ ଉକ୍ତ ନମ୍ବରର ଲୋକେସନ୍‌କୁ ଟ୍ରାକିଂ କରାଯାଇ ତନାଘନା କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଆମେରିକାରେ ରୁହନ୍ତି । ପାରିବାରିକ ବିବାଦରୁ ପ୍ରାୟ ଅଢ଼େଇ ବର୍ଷ ହେବ ମହିଳାଜଣକ ତାଙ୍କ ସ୍ୱାମୀ ପାଖରୁ ଅଲଗା ହୋଇ ବାପ ଓ ମା'ଙ୍କ ସହ ଚନ୍ଦକା ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ରହୁଛନ୍ତି । ଉକ୍ତ ଆପାର୍ଟମେଣ୍ଟରେ ଦୁଇଜଣ ଘରୋଇ ସହାୟକ ମଧ୍ୟ ତାଙ୍କ ପରିବାର ସହ ରହୁଛନ୍ତି । ବୁଧବାର ସାଢ଼େ ୩ଟାରେ ମହିଳାଙ୍କ ସନ୍ଧାନ ମିଳି ନ ଥିଲା । ସନ୍ଧ୍ୟା ୬ଟାରେ ମହିଳାଙ୍କ ନମ୍ବରରୁ ତାଙ୍କ ବାପାଙ୍କୁ କଲ୍ ଆସିଥିଲା । ତାଙ୍କ ଝିଅକୁ ଅପହରଣ କରିଥିବା ନେଇ ଦୁର୍ବୃତ୍ତମାନେ ଫୋନ୍ ଯୋଗେ କହିଥିଲେ । ମହିଳା ଜଣକ ସେମାନଙ୍କ କବ୍‌ଜାରେ ରହିଛନ୍ତି ଓ ମୁଣ୍ଡଜାମିନ୍ ବାବଦରେ ଅପହରଣକାରୀମାନେ କୋଟିଏ ଟଙ୍କା ଦାବି କରିଥିଲେ । ଏନେଇ ମହିଳାଙ୍କ ବାପା ଚନ୍ଦକା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ତାଙ୍କ ଅଭିଯୋଗ ଅଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଆପାର୍ଟମେଣ୍ଟ ଓ ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଥିଲା । ଅପହରଣକାରୀମାନେ ହିନ୍ଦୀ ଭାଷାରେ କଥା ହେବାରୁ ଅପହରଣ ପଛରେ ଅଣଓଡ଼ିଆ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି । ପ୍ରକୃତରେ ମହିଳାଙ୍କୁ ଅପହରଣ କରାଯାଇଛି ନା ଏହା ପଛରେ କୌଣସି ନାଟକ ରଚାଯାଇଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

# ଭାରତୀୟ ଟଙ୍କା କ୍ରମଶଃ ଦୁର୍ବଳ

**ନୂଆଦିଲ୍ଲୀ,**

ଦୁର୍ବଳ ହୋଇଛି ଘରୋଇ ମୁଦ୍ରା ଟଙ୍କା । କାରବାରରେ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ୧୭ ପଇସା ହ୍ରାସ ହୋଇ ସର୍ବକାଳୀନ ନିମ୍ନ ସ୍ତର ୮୩.୬୨ ଟଙ୍କାକୁ ଖସିଆସିଛି । ଏହାପୂର୍ବରୁ ଚଳିତବର୍ଷ ୧୬ ଏପ୍ରିଲରେ ଡଲାର ତୁଳନାରେ ଏହା ସର୍ବନିମ୍ନ ୮୩.୬୧ ଟଙ୍କା ସ୍ତରରେ କାରବାର ଶେଷ କରିଥିଲା । ବିନିମୟ ବଜାରରେ ୮୩.୪୩ ଟଙ୍କା ସ୍ତରରୁ କାରବାର ଆରମ୍ଭ କରି ଟଙ୍କା ଦିନର ସର୍ବୋଚ୍ଚ ୮୩.୪୨ ଟଙ୍କା ଛୁଇଁଥିଲା । ଏହାପରେ ଦିନର



କାରବାର ମଧ୍ୟରେ ଟଙ୍କା ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ୮୩.୬୮ ଟଙ୍କା ସ୍ତର ଛୁଇଁ ଶେଷରେ ଏହା ପୂର୍ବ ଡଲାର ତୁଳନାରେ ୧୭ ପଇସା ହ୍ରାସ ସହିତ ୮୩.୬୨ ଟଙ୍କାରେ ବନ୍ଦ ହୋଇଥିଲା । ବଜାର ଅନୁସନ୍ଧାନକାରୀ ବିଶ୍ଳେଷକ ଅନୁଜ ଚୌଧୁରୀଙ୍କ ଅନୁଯାୟୀ ଆମେରିକୀୟ ଡଲାର ସୁଦୃଢ଼ ହେବା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଇଛି । ସନ୍ଧ୍ୟା ୫ଟା ୩୦ ମିନଟ୍‌ରେ ଡଲାର ସୂଚକାଙ୍କ ୧୦୫ ଉପରେ କାରବାର କରୁଥିଲା । ବିଶେଷଜ୍ଞଙ୍କ ଅନୁଯାୟୀ ଡଲାର ପ୍ରବାହ ହେତୁ ଟଙ୍କା ଚାପରେ ଜାରି ରହିଛି । ସ୍ଥାନୀୟ ଆମଦାନୀକାରୀଙ୍କ ନିକଟରେ ଡଲାରର ଚାହିଦା ମଧ୍ୟ ମଜବୁତ ହୋଇଛି । ଏହାବ୍ୟତୀତ କେତେକ ଭୌଗୋଳିକ ସଙ୍କଟ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଏହା ଭାରତୀୟ ଟଙ୍କା ଉପରେ ଚାପ ବଢ଼ାଉଛି । ଏଥି ସହିତ କେନ୍ଦ୍ର କ୍ୟାବିନେଟ ଦ୍ୱାରା ୧୪ ଖରିଫ ଫସଲ ପାଇଁ ଏମଏସପି ବୃଦ୍ଧି, ଡଲାରର ଚାହିଦା ବୃଦ୍ଧି, ଅଶୋଧୀତ ତେଲର ବୃଦ୍ଧି ଡଲାରକୁ ମଜବୁତ କରୁଛି ଏବଂ ଟଙ୍କାର ବିନିମୟ ମୂଲ୍ୟକୁ ଦୁର୍ବଳ କରୁଛି । ଟଙ୍କା ମୂଲ୍ୟରେ ହ୍ରାସ ଅର୍ଥ ହେଉଛି ଯେ ଆମଦାନୀ ଭାରତ ପାଇଁ ମହଙ୍ଗା ହେବାକୁ ଯାଉଛି । ଏହାର ପ୍ରଅଭାବ ସ୍ୱରୂପ ବିଦେଶ ଭ୍ରମଣ ଏବଂ ପାଠ ପଢ଼ା ମଧ୍ୟ ମହଙ୍ଗା ହେବ । ଏହି କାରଣରୁ, ଫିʼଠାରୁ ଆରମ୍ଭ କରି ରହିବା, ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ମହଙ୍ଗା ହେବ ।

## ବିଦେଶରେ ଗାଡ଼ି ଚଳାଇବେ ପ୍ରଶିକ୍ଷିତ ଓଡ଼ିଆ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦେଶରେ ଗାଡ଼ି ଚଳାଇବେ ଓଡ଼ିଶାର ପ୍ରଶିକ୍ଷିତ ଗାଡ଼ି ଚାଳକ । ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ଗାଡ଼ି ଚାଳନା ପ୍ରଶିକ୍ଷଣ ଅନୁଷ୍ଠାନରେ ଶିକ୍ଷା ସମାପ୍ତ ପରେ ସେମାନଙ୍କୁ ବିଦେଶରେ ନିଯୁକ୍ତି ପ୍ରଦାନ କରାଯିବ । ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ, ଦକ୍ଷତା ବିକାଶ ବିଭାଗ ଏବଂ ଏକ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ସୁବାହକ ଯୋଜନା ମାଧ୍ୟମରେ ପ୍ରଶିକ୍ଷିତ ଗାଡ଼ି ଚାଳକମାନଙ୍କୁ ବିଦେଶରେ ନିଯୁକ୍ତି ସୁଯୋଗ ମିଳିବ । ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଚାରିଟି ସ୍ଥାନରେ ଗାଡ଼ି ଚାଳନା ପ୍ରଶିକ୍ଷଣ ଦିଆଯାଉଛି ।

# କେନ୍ଦ୍ରୀୟ ବଜେଟ୍‌ରେ ଆଖି ଦୃଶିଆ ଆୟକର ସ୍ଲାବ୍ ବଦଳିବ !

**ନୂଆଦିଲ୍ଲୀ,**

ଜୁଲାଇ ତୃତୀୟ ସପ୍ତାହରେ ନରେନ୍ଦ୍ର ମୋଦି ସରକାର ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସମ୍ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବେ । ଏଭଳି ପରିସ୍ଥିତିରେ ବଜେଟରେ ସରକାର ମଧ୍ୟବିତ୍ତ ଏବଂ ଟିକସଦାତାଙ୍କୁ କେତେକାଂଶରେ ଆରାମ ପ୍ରଦାନ କରିବା ନେଇ ଆଶା କରାଯାଉଛି । ମଧ୍ୟବର୍ତ୍ତୀ ବଜେଟରେ ସାଧାରଣ ଲୋକଙ୍କୁ ସରକାର ଆୟକରରେ କୌଣସି ଲାଭ ଦେଇନାହାଁନ୍ତି । ସେତେବେଳେ ଅର୍ଥମନ୍ତ୍ରୀ ଆୟକର ସମ୍ବନ୍ଧୀୟ କୌଣସି ବଡ଼ ଘୋଷଣା କରିନାହାଁନ୍ତି । ରିପୋର୍ଟ ଅନୁଯାୟୀ, ମୋଦି ୩.୦ ସରକାର ଏହାର ପ୍ରଥମ ବଜେଟରେ ବାର୍ଷିକ ୧୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ପାଇଁ ଆୟକର ହାର ହ୍ରାସ କରିବାକୁ ଚିନ୍ତା କରୁଛନ୍ତି । ଏହାବ୍ୟତୀତ ସରକାର ଆୟକର ସ୍ଲାବରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି । ବଜେଟରେ ସରକାର ଏକ ନିର୍ଦ୍ଦିଷ୍ଟ ବେତନ ଶ୍ରେଣୀ ଏବଂ ମଧ୍ୟବିତ୍ତ ଲୋକଙ୍କୁ ଏହି ଆରାମ ପ୍ରଦାନ କରିପାରିବେ । ଏଥସହ ବଜେଟରେ ସରକାର ଆୟକର ଛାଡ ସୀମାକୁ ୩ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିପାରନ୍ତି । ଏହି ପରିବର୍ତ୍ତନ କେବଳ ନୂତନ ଟିକସ ବ୍ୟବସ୍ଥାରେ ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ହେବ । ମନେକରାଯାଉ ବାର୍ଷିକ ଆୟ ୫ ଲକ୍ଷ ଟଙ୍କା କ୍ଷେତ୍ରରେ ନୂତନ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ । ଏପରି ପରିସ୍ଥିତିରେ ଅବଶିଷ୍ଟ ୨ ଲକ୍ଷ ଟଙ୍କା ଉପରେ ୫ ପ୍ରତିଶତ ହାରରେ ଟିକସ ଦେବାକୁ ପଡିବ । ଅର୍ଥାତ୍ ୧୦ ହଜାର ଟଙ୍କା ଟିକସ ଦେବାକୁ ପଡିବ । ତେବେ ଏହି ବ୍ୟବସ୍ଥାରେ ସରକାର ଧାରା ୮୭ ଏ ଅନୁଯାୟୀ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ କରିଛନ୍ତି । ଏଥରେ ମଧ୍ୟ ଏକ ପେଞ୍ଚ ରହିଛି । ଯଦି ଆପଣ ଜାଣେ ବେତନଧାରୀ ଆଉ ରୋଜଗାର ୭.୫ ଲକ୍ଷ ଟଙ୍କାରୁ ଗୋଟିଏ ଟଙ୍କା ମଧ୍ୟ ଅଧିକ ତେବେ ଆପଣଙ୍କୁ ଗୋଟିଏ ଟଙ୍କା ନୁହେଁ ଟିକସ ଆୟକର ବାବଦ ୪,୫୦,୦୦୧ ଟଙ୍କା ଦେବାକୁ ପଡିବ । ଏବେ ଆପଣଙ୍କୁ ୩ ଲକ୍ଷ ଟଙ୍କା ଟିକସ ଛାଡ ହେବା ପରେ ଅବଶିଷ୍ଟ ୪,୫୦୦୦୧ ଟଙ୍କା ମଧ୍ୟରୁ ୩ ଲକ୍ଷ ଟଙ୍କା ଉପରେ ୫% ହାରରେ ଏବଂ ୧୫ ହଜାର ଟଙ୍କା ଏବଂ ଅବଶିଷ୍ଟ ୧,୫୦୦୦୧ ଟଙ୍କା ଉପରେ ୧୦ % ହାରରେ କୁ ୩% ଉପରେ ୫% ଏବଂ ୧୫, ୦୦୦୧ ଟଙ୍କା ଉପରେ ୧୦%



ହାରରେ ୧୫ ହଜାର ଟଙ୍କା ଟିକସ ଦେବାକୁ ପଡିବ । ଏଠାରେ ସୂଚନାଯୋଗ୍ୟ ଯେ, ପୁରୁଣା ଟିକସ ବ୍ୟବସ୍ଥାରେ ମୋଟ ୫ଟି ଆୟକର ସ୍ଲାବ ରହିଛି । ଏଥିମଧ୍ୟରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ । ୨.୫ ଲକ୍ଷ ଟଙ୍କାରୁ ୫ ଲକ୍ଷ ପର୍ଯ୍ୟନ୍ତ ଆୟ ୫% ହାରରେ ଟିକସ ଲାଗୁକରାଯାଏ, ଯେଉଁଠାରେ, ୫-୧୦ ଲକ୍ଷ ଟଙ୍କା ଆୟ ଉପରେ ୨୦% ହାରରେ ଟିକସ ଦେବାକୁ ପଡିବ । ୧୦-୨୦ ଲକ୍ଷ ମଧ୍ୟରେ ଆୟ ପାଇଁ ୩୦%ରେ ଟିକସ ନିଆଯାଏ । ସେହିପରି ଲକ୍ଷରୁ ଅଧିକ ରୋଜଗାର କ୍ଷେତ୍ରରେ ୩୦% ଟିକସ ଦେବାକୁ ପଡିବ । ତେବେ ନୂତନ ଟିକସ ବ୍ୟବସ୍ଥାରେ ବର୍ତ୍ତମାନ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ଟିକସମୁକ୍ତ ଶ୍ରେଣୀରେ ଆସୁଛି । ରିପୋର୍ଟ ଅନୁଯାୟୀ, ବଜେଟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଢାଞ୍ଚାରେ ପରିବର୍ତ୍ତନ ଆଶା କରାଯାଉଛି । ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଉପରେ ସିଧାସଳଖ ୨୦ ପ୍ରତିଶତ ଟିକସ ନିଆଯାଉଛି । ସରକାର ଏଥିରେ ପରିବର୍ତ୍ତନ କରିପାରିବେ । ଏଥିରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ହାର ୨୦%ରୁ ୧୦%କୁ ହ୍ରାସ କରାଯାଇପାରେ । ଏହାବ୍ୟତୀତ, ସରକାର ୩୦% ଟିକସ କ୍ଲବରେ ମଧ୍ୟ ପରିବର୍ତ୍ତନ କରିବା ଉପରେ ବିଚାର କରୁଛନ୍ତି ।

## ନିଶା କବଳରେ ଶିକ୍ଷା ହବ୍: ଦେଶୀ ମଦ ପଛରେ ପୋଲିସ, ପାଉନି ଧଳାଜହର ଟେର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଶିକ୍ଷା ହବ୍ ଭାବରେ ପରିଚିତି ଲାଭ କରିଛି ଚନ୍ଦ୍ରଶେଖରପୁର । ବହୁ ନାମୀ ଇଂଜିନିୟରିଂ ଓ ଡାକ୍ତରୀ ଶିକ୍ଷାନୁଷ୍ଠାନ ଏହି ଅଞ୍ଚଳରେ ରହିଛି । କିନ୍ତୁ ଗତ କିଛି ବର୍ଷ ହେଲାଣି ଏହି ଅଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି । ଏଠାରେ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି ଓ ମୈତ୍ରୀବିହାର ଭଳି ତିନି ତିନିଟି ଥାନା ଥିବା ସତ୍ତ୍ୱେ ନିଶା କାରବାର ଥମିବା ବଦଳରେ ବଢୁଥିବା ଦେଖିବାକୁ ମିଳିଛି । ଏଠାରେ ବ୍ରାଉନ୍‌ସୁଗର କାରବାର ଉପରେ ରୋକ୍ ଲାଗିପାରୁନାହିଁ । ଅଥଚ ପୁଲିସ ବସ୍ତି ଅଞ୍ଚଳରେ ଚଢ଼ଉ କରି ପୋଚ ଜବତ ପଛରେ ପଡ଼ିଛି ବୋଲି ସମାଲୋଚନା ହୋଇଆସୁଛି । ମଝିରେ ମଝିରେ ପୁଲିସ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବିକୁଥିବା କିଛି କୁଜି ବେପାରୀଙ୍କୁ ବାନ୍ଧୁଛି ସିନା ଏଠାକୁ ଚାଲାଣ କରୁଥିବା ବଡ଼ବଡ଼ ବେପାରୀଙ୍କ ଟେର ପାଉନାହିଁ । ଏଠାରେ ରହି ବହୁ ଧନୀ ପରିବାରର ଓଡ଼ିଆ ଓ ଅଣଓଡ଼ିଆ ଛାତ୍ର ବିଭିନ୍ନ ମେଡିକାଲ ଓ ଇଂଜିନିୟରିଂ କଲେଜରେ ପଢୁଛନ୍ତି । ଏଠାରେ ସହଜରେ ଉପଲବ୍ଧ ହେଉଥିବାରୁ ସେମାନଙ୍କ ମଧ୍ୟରୁ ଅନେକ ନିଶା ସେବନ କରୁଛନ୍ତି । ସେହିଭଳି ଗଞ୍ଜେଇ ବେପାର ମଧ୍ୟ ଧଳାଜହର କାରବାର ସହ ତାଳ ଦେଇ ଚାଲିଛି । ଏହି ଅଞ୍ଚଳରେ ଦୋକାନ କରିଥିବା ବହୁ ବ୍ୟବସାୟୀଙ୍କ ମାଧ୍ୟମରେ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ନିଶାଡ଼ି ଛାତ୍ରମାନଙ୍କ ନିକଟରେ ପହଞ୍ଚି ପାରୁଛି । ଚାଲାଣକାରୀମାନେ ଛୋଟ ବ୍ୟବସାୟୀଙ୍କ ନିକଟରେ ନିଶା ପହଞ୍ଚାଇବା ପରେ ସେମାନେ ପୁଡ଼ିଆ ବା ସିଗାରେଟ୍‌ରେ ପୂରାଇ ବିକୁଛନ୍ତି । ବିଭିନ୍ନ ସମୟରେ ପୁଲିସ ଏହି ସବୁ ଛୋଟ ଦୋକାନ ଉପରେ ଚଢ଼ଉ କରି ନିଶା ସିଗାରେଟ୍ ଜବତ କରୁଛି ଏବଂ ଦୋକାନୀଙ୍କୁ କୋର୍ଟ ଚାଲାଣ କରୁଛି । କିନ୍ତୁ ସେମାନଙ୍କୁ ନିଶା ଯୋଗାଉଥିବା ବଡ଼ ବେପାରୀଙ୍କୁ ଖୋଜୁନାହିଁ । ଅବଶ୍ୟ କିଛି ବଡ଼ଧରଣର ଗଞ୍ଜେଇ ବେପାରୀ ଏହି ଅଞ୍ଚଳରୁ ବନ୍ଧା ହୋଇଛନ୍ତି । ଗତ ୭ ତାରିଖ ଦିନ କନ୍ଧମାଳରୁ କାର୍‌ରେ ଗଞ୍ଜେଇ ନେଇଆସିଥିବା ରଙ୍ଗମାଟିଆ ଓ ଚକେଇସିହାଣୀର ୨ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଛି । ଏହି ସ୍ଥାନୀୟ ଯୁବକଦ୍ୱୟ ବହୁଦିନ ହେଲା ଏହି ଅଞ୍ଚଳରେ ଗଞ୍ଜେଇ କାରବାର ଚଳାଇଥିଲେ । କିନ୍ତୁ ଏଠାରୁ ପୁଲିସ କୌଣସି ବଡ଼ ବ୍ରାଉନ୍‌ସୁଗର ଚାଲାଣକାରୀକୁ ଗିରଫ କରିବା ନଜିର ନାହିଁ ।

## ଟିର୍ତ୍ତୋଲ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

# ଫାଶୀ ଦଣ୍ଡାଦେଶ କୋହଳ କଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ମାମଲାର ଶୁଣାଣି ଶେଷ କରିବା ସହ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ । ଏହି ମାମଲାର ଜଣେ ଅଭିଯୁକ୍ତ ସେକ ଅକିଲ ଅଲ୍ଲୀଙ୍କୁ ହାଇକୋର୍ଟ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଛନ୍ତି । ସେହିପରି ଅନ୍ୟତମ ଅଭିଯୁକ୍ତ ସେକ୍ ଅସିଫ ଅଲ୍ଲି କ୍ଷେତ୍ରରେ ଫାଶୀ ଦଣ୍ଡାଦେଶକୁ କୋହଳ କରିଛନ୍ତି । ହାଇକୋର୍ଟ ଫାଶୀ ଦଣ୍ଡକୁ ଆଜୀବନ ଜେଲ ଦଣ୍ଡରେ ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ । ଉଭୟ ଅଭିଯୁକ୍ତଙ୍କ କ୍ରିମିନାଲ ଅପିଲ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ମୃତ୍ୟୁ ଦଣ୍ଡାଦେଶ ଅନୁମୋଦନ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅପରପକ୍ଷେ, ମୃତ ପୀଡ଼ିତାଙ୍କ ପିତା/ମାତାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା ସୁନିଶ୍ଚିତ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ୨୦୧୪, ଅଗଷ୍ଟ ୨୧ ତାରିଖ ଦିନ ତିର୍ତ୍ତୋଲ କୃଷ୍ଣାନନ୍ଦପୁର ଅଞ୍ଚଳର ପୀଡ଼ିତା ୬ବର୍ଷୀୟ ନାବାଳିକା ଚକୋଲେଟ ପାଇଁ ନିକଟସ୍ଥ ଦୋକାନକୁ ଯାଇଥିବା ବେଳେ ଦୁଷ୍କର୍ମର ଶିକାର ହୋଇଥିଲା । ଗୁରୁତର ଅବସ୍ଥାରେ ଉକ୍ତ ନାବାଳିକାକୁ ଏସ୍‌ସିବି ମେଡିକାଲ ନିଆଯାଉଥିବା ବେଳେ ତା'ର ମୃତ୍ୟୁ ହୋଇଥିଲା । ପୁଲିସ ଏହି ଘଟଣାରେ ରୁଜୁ ଏତଲା ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ଜଗତସିଂହପୁର ଅତିରିକ୍ତ ଆଡହକ ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ପୋକ୍ସୋ ଅଦାଲତ ଗତ ୨୦୨୨, ସେପ୍ଟେମ୍ବର ୨୯ରେ ଦୁଇ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ ।

# ନିର୍ମାଣ ବର୍ଜ୍ୟରୁ ତିଆରି ହେବ ଇଟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୁଣା ସରକାରୀ କୋଠା ଓ ଜବରଦଖଲ ଉଚ୍ଛେଦ ଆଦିରୁ ବାହାରୁଥିବା ନିର୍ମାଣ ବର୍ଜ୍ୟକୁ ପ୍ରକ୍ରିୟାକରଣ କରି ସେଥିରୁ ଇଟା ତିଆରି କରିବାକୁ ଯୋଜନା କରୁଛି ବିଏମ୍‌ସି । ଏଥିସହ ବିଭିନ୍ନ ଅଞ୍ଚଳରେ ରାସ୍ତା ଉପରେ ବେଆଇନ ଭାବେ ଗଦା କରୁଥିବା ଗୃହ ମାଲିକ ଓ ଅନୁଷ୍ଠାନ ଗୁଡ଼ିକର ନିର୍ମାଣ ବର୍ଜ୍ୟ; ଯାହାକୁ ବିଏମ୍‌ସି ଜବତ କରୁଛି, ତା'ର ପ୍ରକ୍ରିୟାକରଣ କରାଯାଇ ଏହି ଇଟା ପ୍ରସ୍ତୁତରେ ବ୍ୟବହାର କରାଯିବ । ଗତ କିଛିମାସ ମଧ୍ୟରେ ବିଏମ୍‌ସି ପକ୍ଷରୁ ଏଭଳି ଭାବେ ସହରରୁ ପାଖାପାଖି ୫୦ଟନ୍‌ରୁ ଅଧିକ ବର୍ଜ୍ୟ ସଂଗ୍ରହ କରାଯାଇ ତାକୁ ଭିନ୍ନ ଭିନ୍ନ ସ୍ଥାନରେ ଗଦା କରାଯାଇଛି । ପ୍ଲାଣ୍ଟ ନ ଥିବାରୁ ଏହାକୁ ପ୍ରକ୍ରିୟାକରଣ କରି ପୁନଃ ବ୍ୟବହାର ଯୋଗ୍ୟ କରିପାରୁନି ବିଏମ୍‌ସି । ଚଣ୍ଡିଗଡ଼ରେ ଏହି ବର୍ଜ୍ୟକୁ ପ୍ରକ୍ରିୟାକରଣ କରାଯାଇ ସେଥିରୁ ଇଟା ତିଆରି କରାଯାଉଥିବା ବେଳେ ବିଏମ୍‌ସି ସେହି ଢାଞ୍ଚା ଆପଣାଇବାକୁ ଯାଉଛି ବୋଲି ସୂଚନା ମିଳିଛି । ସୂଚନାନୁସାରେ, ଚଣ୍ଡିଗଡ଼



ପୌରସଂସ୍ଥା ପକ୍ଷରୁ ସି ଆଣ୍ଡ (କନଷ୍ଟ୍ରକସନ୍ ଓ ଡିମୋଲିସ୍) ପ୍ଲାଣ୍ଟ ବସାଇ ନିର୍ମାଣ ବର୍ଜ୍ୟକୁ ବ୍ୟବହାର କରି ଇଟା ଓ ପେଭର୍ ବ୍ଲକ ତିଆରି କରାଯାଉଛି । ବିଏମ୍‌ସି କର୍ତ୍ତୃପକ୍ଷ ଏହି ଉପାୟ ଅବଲମ୍ବନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଫଳରେ ଏହି ବର୍ଜ୍ୟ ଅକ୍ତିଆର କରୁଥିବା ସ୍ଥାନ ଖାଲି ହେବା ସହ ପବନ ଓ ଧୂଳି ଝଡ଼ ସମୟରେ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ । ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଏହି ପ୍ଲାଣ୍ଟ ବସାଇବା ପାଇଁ ବିଏମ୍‌ସି ପକ୍ଷରୁ ଏକ ଖାଲି ସ୍ଥାନ ଖୋଜାଯାଉଛି । ଯେଉଁଠାରେ ବର୍ଜ୍ୟକୁ ଗଦା କରିବା ସହ ପ୍ରକ୍ରିୟାକରଣ କରାଯାଇପାରିବ ବୋଲି ବିଏମସିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ବିଏମ୍‌ସିର ନିୟମାନୁସାରେ, ନୂଆ ନିର୍ମାଣ, ମରାମତି, ନବୀକରଣ କରାଯାଉଥିବା ଘରୋଇ ଓ ସରକାରୀ ନିର୍ମାଣ ସମୟରେ ରାସ୍ତା, ଡ୍ରେନ୍ ଓ ବସବାସ କରୁଥିବା ଲୋକଙ୍କୁ ଯେଭଳି କୌଣସି ସମସ୍ୟା ନ ହୁଏ ତା' ଉପରେ ଦୃଷ୍ଟି ଦେବା ଆବଶ୍ୟକ । ଯଦି କେହି ରାସ୍ତା କଡ଼ରେ ଗଦା କରିଥିବାର ନଜରକୁ ଆସେ ତେବେ ଏହାକୁ ଜବତ କରାଯିବା ସହ ଏଥିପାଇଁ ମୋଟା ଅଙ୍କର ଜରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି । ଗତବର୍ଷ ଜୁଲାଇ ମାସରୁ ଏହାକୁ କଡ଼ାକଡ଼ି କରାଯିବା ସହ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ପୂର୍ବରୁ ଲୋକମାନେ ପୁରୁଣା ଘର ଭାଙ୍ଗି ରାସ୍ତାରେ ଘର ବାହାରିଥିବା ବର୍ଜ୍ୟକୁ ଗଦା କରୁଥିଲେ । ଫଳରେ ରାସ୍ତା ସଂକୁଚିତ ହେବା ସହ ଡ୍ରେନ୍ ଜାମ ଭଳି ସ୍ଥିତି ଉପୁଜିବାର ଅନେକ ଉଦାହରଣ ରହିଛି । ମାତ୍ର ଏଥିପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦେବା ପରେ ଏହା କେତେକାଂଶରେ ହ୍ରାସ ପାଇଛି । ଏଥିସହ ରାସ୍ତାରେ ଗଦା କରିଥିବା ଲୋକଙ୍କଠାରୁ ବିଏମ୍‌ସି ପକ୍ଷରୁ ୧କୋଟି ଟଙ୍କାର ଜରିମାନା ଆଦାୟ କରିଛି । ଗୋଟିଏ ଟ୍ରିପ୍ ନିର୍ମାଣ ବର୍ଜ୍ୟକୁ ୫ହଜାର ଟଙ୍କା ଜରିମାନା ରହିଛି । ଯଦି ଏହାକୁ ଗୃହକର୍ତ୍ତା ନିଜ ଟ୍ରାକ୍ଟର ମାଧ୍ୟମରେ ସ୍ଥାନାନ୍ତର କରିପାରୁଛି, ତେବେ ୪ହଜାର ୫ଶହ ଟଙ୍କା ଦେବାକୁ ପଡୁଛି । ତେଣୁ ଲୋକମାନେ ଏଥପ୍ରତି ସତର୍କ ହେଉଥିବା ଜଣାପଡ଼ିଛି ।

# ରାଜଧାନୀରେ ବାଇକ୍ ବୁକିଂ କରି ଯାତ୍ରୀ ହତାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୋକଙ୍କ ଗମନାଗମନର ସୁବିଧା ପାଇଁ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା ୨୪ ଘଣ୍ଟିଆ ଓଲା, ରାପିଡୋ, ଉବେର କମ୍ପାନୀର ଅନ୍‌ଲାଇନ ବାଇକ୍ ସେବା । କିନ୍ତୁ ବିଭିନ୍ନ ସମୟରେ ବାଇକ୍ ବୁକ୍ କରିବା ପରେ ମଧ୍ୟ ଚାଳକମାନେ ଠିକ୍ ସମୟରେ ସେବା ଦେଉନାହାନ୍ତି । ଅପରପକ୍ଷେ ବୁକିଂ ହୋଇଥିବା ସେବା ମଧ୍ୟ ରଦ୍ଦ୍ କରୁ ନ ଥିବାରୁ ଯାତ୍ରୀ ଅପେକ୍ଷା କରି ନିରାଶ ହେଉଛନ୍ତି । ବିଶେଷକରି ବିଳମ୍ବିତ ରାତିରେ ତଥା ଅତି ଜରୁରିକାଳୀନ କ୍ଷେତ୍ରରେ ହଇରାଣ ହେଉଛନ୍ତି ରାଜଧାନୀର ସାଧରଣ ଯାତ୍ରୀ । ଜାଗମରା ଅଞ୍ଚଳର ଜଣେ ଯାତ୍ରୀ ଏକ ଅନ୍‌ଲାଇନ୍‌ରେ ଏକ ବାଇକ୍ ବୁକ୍ କଲେ । ବୁକିଂ ଧାର୍ଯ୍ୟଠାରୁ ଅଧିକ ଦେୟ ଦାବି କଲେ ଚାଳକ । ଅତି ଜରୁରୀ କାମ ଥିବାରୁ ଚାଳକଙ୍କୁ ଅଧିକ ଦେୟ ଦେବା ପାଇଁ ରାଜି ହୋଇଥିଲେ ଯାତ୍ରୀ । କିନ୍ତୁ ଏହାସତ୍ତ୍ୱେ ବି ଦୀର୍ଘ ୪୫ ମିନିଟ୍ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଅପେକ୍ଷା କରିଥିଲେ ମଧ୍ୟ ବାଇକ୍ ଆସି ନ ଥିଲା । ଫଳରେ ନିରାଶ ହୋଇ ସମ୍ପର୍କୀୟଙ୍କୁ ଜଣାଇବା ପରେ ଦୀର୍ଘ ସମୟ ହଇରାଣ ହରକତ ହୋଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ ଯାତ୍ରୀ । ଏହା କେବଳ ଜାଗମରା ଅଞ୍ଚଳର ଜଣେ ଯାତ୍ରୀଙ୍କ କ୍ଷେତ୍ରରେ ନୁହେଁ ରାଜଧାନୀର ଶତାଧିକ ଯାତ୍ରୀ ପ୍ରତିଦିନ ଏଭଳି ହଇରାଣ ହରକତ ହେଉଛନ୍ତି । ଧୁ ଧୁ ଖରାବେଳେ ହେଉ ଅବା ବିଳମ୍ବିତ ରାତିରେ ଯାତ୍ରୀମାନେ ଅନ୍‌ଲାଇନ୍‌ରେ ବାଇକ୍ ବୁକ୍ କରିବା



ପରେ ମଧ୍ୟ ସେଗୁଡ଼ିକୁ ଠିକ୍ ସମୟରେ ଆସୁନାହିଁ । ଅଧିକାଂଶ ସମୟରେ ଆସିବେ ବୋଲି କହି ଆଦୌ ଆସୁ ନାହାନ୍ତି । କେତେକ କ୍ଷେତ୍ରରେ ବାଇକ୍ ବୁକିଂ କରିବା ପରେ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରୁଛନ୍ତି । ଏମିତି କି ଯାତ୍ରୀଙ୍କୁ ଠିକଣା ଜାଗାରେ ପହଞ୍ଚାଇବା ପରେ ଧାର୍ଯ୍ୟ ଭଡ଼ାଠାରୁ ଯଥେଷ୍ଟ ଅଧିକ ଟଙ୍କା ଦାବି କରୁଥିବା ଅଭିଯୋଗ ହେଉଛି । କେତେକ କ୍ଷେତ୍ରରେ ଯାତ୍ରୀଙ୍କୁ ସର୍ବସାଧାରଣରେ ଲଜ୍ଜିତ କରୁଥିବା ଭଳି ଗୁରୁତର ଅଭିଯୋଗ ଆସୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ମହିଳାମାନଙ୍କ କ୍ଷେତ୍ରରେ । ଅନ୍‌ଲାଇନ୍ ବାଇକ୍ ସେବା ଯୋଗାଉଥିବା ସଂସ୍ଥାର କର୍ମକର୍ତ୍ତା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ଧାର୍ଯ୍ୟମୂଲ୍ୟଠାରୁ ଅଧିକ ନ ଦେଲେ ଅଧାବାଟରେ ଛାଡ଼ି ଚାଲି ଯାଉଛନ୍ତି । ବିଳମ୍ବିତ ରାତିରେ ବୁକ୍ କରୁଥିବା ବାଇକ୍ ଚାଳକମାନେ ଆସିବେ ଆସିବେ ବୋଲି କହି ଆଦୌ ଆସୁନାହାନ୍ତି । ଯେଉଁଥି ପାଇଁ କେତେକ କ୍ଷେତ୍ରରେ ଯାତ୍ରୀ ରାସ୍ତାକଡ଼ରେ ରାତ୍ରିଯାପନ କରିବାକୁ ପଡୁଛି । କେବେ କେବେ ଯାତ୍ରୀ ଗାଡ଼ି କ୍ୟାନସଲ କଲେ ତାଙ୍କୁ ଫାଇନ୍ ପଡ଼ିବା ସହିତ ଅନ୍ୟ ଗାଡ଼ି ବି ସଠିକ୍ ସମୟରେ ମିଳୁନାହିଁ । ଏଭଳି ସମସ୍ୟା ପାଇଁ ଅନେକ ସମୟରେ ଯାତ୍ରୀ ଓ ଡ୍ରାଇଭରଙ୍କ ମଧ୍ୟରେ ଝଗଡ଼ା ହେଉଛି । ଅପରପକ୍ଷେ ବାଇକ୍ ବା ଯୋଗାଉଥିବା ଜଣେ ଚାଳକଙ୍କ କହିବା ଅନୁସାରେ ଏକ ନିର୍ଦ୍ଦିଷ୍ଟ ଦୂରତା ପାଇଁ କମ୍ପାନୀ ଯେତିକି ଟଙ୍କା ଚାର୍ଜ କରୁଛି ତାହା ଯଥେଷ୍ଟ ହେଉନାହିଁ । କେବେ କେବେ ରାତିରେ ଆମେ ଯାତ୍ରୀଙ୍କୁ ଛାଡୁଛୁ ଧାର୍ଯ୍ୟ ଭଡ଼ା ମଧ୍ୟ ଯାତ୍ରୀ ଦେଉନାହାନ୍ତି । କେବେ କେବେ ଯାତ୍ରୀ ଆମକୁ ହଇରାଣ ହରକତ କରୁଥିବା ପାଲଟା ଅଭିଯୋଗ କରିଛନ୍ତି ଚାଳକ ।

## ରାଜ୍ୟରେ ବଢୁଛି ଠକେଇ ଆପ୍ ରାକେଟ୍

# ହଂକଂରେ ପଞ୍ଜୀକରଣ: ଦୁବାଇରୁ ସଞ୍ଚାଳନ

**ଭୁବନଶ୍ୱେର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବଢୁଛି ଠକେଇ ଆପ୍‌ର ରାକେଟ୍ । ଦେଶର ବିଭିନ୍ନ ରାଜ୍ୟରେ ଠକେଇ କରିବା ସହ ଓଡ଼ିଶାର ଲକ୍ଷାଧିକ ଲୋକ ଏହି ଆପ୍ ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି । ପୂର୍ବରୁ ଠକେଇ ହୋଇଥିବା ଏକାଧିକ ଜାଲ୍ କମ୍ପାନୀ ହଂକଂରେ ପଞ୍ଜିକରଣ କରାଯାଇଥିବା ବେଳେ ମାଷ୍ଟରମାଇଣ୍ଡ ଦୁବାଇରୁ ଏହାକୁ ସଞ୍ଚାଳନ କରୁଥିବା ଇଓଡବ୍ଲୁ ସୂଚନା ପାଇଛି । ତେଣୁ ଦେଶ ବାହାରୁ ସେମାନଙ୍କୁ ଗିରଫ କରିବା ଇଓଡବ୍ଲୁ ପାଇଁ କଷ୍ଟକର ହେଉଛି । ପୂର୍ବରୁ ଠକେଇ କରିଥିବା ୬୦ରୁ ଊର୍ଦ୍ଧ୍ୱ ଆପ୍‌କୁ ବ୍ୟାନ୍ କରିବା ପାଇଁ ଇଓଡବ୍ଲୁ ଗୁଗଲକୁ ଚିଠି ଲେଖୁଥିଲା । ଚିଠି ପରେ ପ୍ଲେ-ଷ୍ଟୋରରୁ ଏହି ଆପ୍ ଗୁଡ଼ିକୁ ହଟାଯାଇଥିଲା, କିନ୍ତୁ ଏହି ଠକ ସଂସ୍ଥାଗୁଡ଼ିକ ଏବେ ଭିନ୍ନ ନାମରେ କାରବାର ଆରମ୍ଭ କରିଛନ୍ତି । କମ୍ ସମୟରେ ଟଙ୍କା ରୋଜଗାର କରିବାର ଲୋଭରେ ପଡ଼ି ଅନେକ ଲୋକ ଏହି ଆପ୍‌ର ଶିକାର ହେଉଛନ୍ତି । ତେଣୁ ଲୋକଙ୍କୁ ଠକେଇ କରୁଥିବା ୩୦ଟି ଆପ୍‌କୁ ବ୍ୟାନ୍ କରିବା ପାଇଁ ଏବେ ଇଓଡବ୍ଲୁ ଗୁଗୁଲକୁ ଚିଠି ଲେଖିଛି । ପୂର୍ବରୁ ବନ୍ଦ ହୋଇଥିବା ଜଏନ୍ ଟ୍ରେଡ୍ ଆପ୍ ମଧ୍ୟ ହଂକଂରେ ପଞ୍ଜିକରଣ ହୋଇଥିବା ବେଳେ ଦୁବାଇରୁ ଅପରେଟ୍ ହେଉଥିବା ତଦନ୍ତରୁ ଜଣାପଡ଼ିଥିଲା । ସେମାନେ ବିଭିନ୍ନ ରାଜ୍ୟରୁ ଏଜେଣ୍ଟ ଠିକ୍ କରିବା ପରେ ଠକେଇ କରୁଥିଲେ । ଠକେଇ ପାଇଁ ବିଭିନ୍ନ ରାଜ୍ୟର ରାଜଧାନୀରେ କଲ ସେଣ୍ଟର ଖୋଲି ସ୍ଥାନୀୟ ପିଲାଙ୍କୁ ଏଥିରେ ନିଯୁକ୍ତି ଦେଉଥିଲେ । ଏହି କଲ୍ ସେଣ୍ଟରରୁ ବିଭିନ୍ନ ଲୋକଙ୍କୁ ଫୋନ୍ କରାଯାଇ ସେମାନଙ୍କୁ ଲୋଭନୀୟ ଅଫର ଦେଖାଇ ଠକୁଥିବା ୧୨୦ ଆପ୍ ଉପରେ ଇଓଡବ୍ଲୁ ନଜର ରଖିଛି । ଠକ ସଂସ୍ଥା ଗୁଡ଼ିକ ମିଛ ମିଛ ବିଜ୍ଞାପନ ଦେବା ସହ ୨ହଜାରରୁ ୨କୋଟି ଟଙ୍କା ପାଇବାର ପ୍ରଲୋଭନ ଦେଖାଉଛନ୍ତି ଏବଂ ଏଥିରେ ଲୋକମାନେ ପ୍ରଲୋଭିତ ହୋଇ ଠକଙ୍କ ଶିକାର ହେଉଛନ୍ତି । ଲୋନ୍ ଆପ୍ ଅନ୍‌ଲାଇନ ଟ୍ରେଡିଂ ଆପ୍ ୧୮ ଫୁଟ୍‌ବଲ୍ କମ୍ ଆପ, ଜଏନ୍ ଟ୍ରେଡ୍ ଆପ୍ ଆଦି ହଂକଂରେ ରେଜିଷ୍ଟ୍ରେସନ ହୋଇଥିଲା ଓ ଦୁବାଇରୁ ଅପରେଟ୍ ହେଉଥିଲା । ଏଭଳି ଜାଲ୍ କମ୍ପାନୀକୁ କଳା ତାଲିକା କରିବା ପାଇଁ ପୂର୍ବରୁ ଇଓଡବ୍ଲୁ ଅର୍ଥମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ।

# ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା କ୍ରମଶଃ ହ୍ରାସ ପାଉଛି

**ଜୁରିକ୍,**

୨୦୨୩ରେ ସ୍ୱିସ୍ ବ୍ୟାଙ୍କଗୁଡିକରେ ଭାରତୀୟ ଏବଂ ଭାରତୀୟ କମ୍ପାନୀଗୁଡିକ ଜମା କରିଥିବା ଅର୍ଥ ଯଥେଷ୍ଟ ହ୍ରାସ ପାଇଛି । ଏହି ଜମା ରାଶିରେ ଗୋଟିଏ ବର୍ଷରେ ୭୦ ପ୍ରତିଶତ ହ୍ରାସ ଘଟିଛି । ଫଳରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଦ୍ୱାରା କରାଯାଇଥିବା ଅର୍ଥ ଜମା ୪ ବର୍ଷର ସର୍ବନିମ୍ନ ସ୍ତରକୁ ହ୍ରାସ ଘଟିଛି । ତେବେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ମୋଟ ଜମା ଅର୍ଥର ପରିମାଣ ୯,୭୭୧ କୋଟି ଟଙ୍କା ଅର୍ଥାତ୍ ୧୦୪ ବିଲିୟନ ସ୍ୱିସ୍ ବ୍ୟାଙ୍କରେ ପହଞ୍ଚିଛି । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି । କ୍ରମାଗତ




ଭାବେ ଦ୍ୱିତୀୟ ବର୍ଷ ପାଇଁ ସ୍ୱିସ୍ ବ୍ୟାଙ୍କରେ ଭାରତୀୟ ଗ୍ରାହକଙ୍କ ମୋଟ ଜମା ରାଶି ହ୍ରାସ ପାଇଛି । ତେବେ ୨୦୨୧ ମସିହାରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ପରିମାଣ ୧୪ ବର୍ଷର ରେକର୍ଡ ଭାଙ୍ଗି ସର୍ବାଧିକ ୩୮୩ ବିଲିୟନ ଫ୍ରାଙ୍କରେ ପହଞ୍ଚିଥିଲା । ଏହା ବ୍ୟତୀତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ଏବଂ ଭାରତର ଅନ୍ୟ ବ୍ୟାଙ୍କ ଶାଖା ମାଧ୍ୟମରେ ଜମାରେ ଅର୍ଥ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି । ବଣ୍ଡ, ସିକ୍ୟୁରିଟି ଏବଂ ଅନ୍ୟାନ୍ୟ ଆର୍ଥିକ ଉପକରଣ ମାଧ୍ୟମରେ ଜମା ହୋଇଥିବା ଅର୍ଥ ପରିମାଣରେ ତୀବ୍ର ହ୍ରାସ ହେତୁ ଏପରି ଘଟିଥିବା କୁହାଯାଉଛି । ଅପରପକ୍ଷେ ସ୍ୱିସ୍ ନ୍ୟାସନାଲ ବ୍ୟାଙ୍କ (ଏସ୍‌ଏନ୍‌ବି) ସ୍ୱିଜରଲ୍ୟାଣ୍ଡରେ ଭାରତୀୟଙ୍କ ଦ୍ୱାରା ଜମା ଥିବା ବହୁ ଚର୍ଚ୍ଚିତ କଳା ଟଙ୍କା ପରିମାଣ ସୂଚିତ କରୁନାହିଁ । ଏହି ପରିସଂଖ୍ୟାନରେ ସେହି ଅର୍ଥକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଭାରତୀୟ ଏନ୍‌ଆରଆଇ କିମ୍ବା ଅନ୍ୟମାନେ ତୃତୀୟ ଦେଶ ସଂସ୍ଥା ନାମରେ ସ୍ୱିସ୍ ବ୍ୟାଙ୍କରେ ରଖିଥାଇପାରନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୧୭୧୩ ମସିହାରେ ସ୍ୱିଜରଲ୍ୟାଣ୍ଡର ପ୍ରଥମ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ସ୍ୱିଜରଲ୍ୟାଣ୍ଡରେ ୪୦୦ରୁ ଅଧିକ ବ୍ୟାଙ୍କ କାର୍ଯ୍ୟ କରୁଛନ୍ତି । ଏହି ବ୍ୟାଙ୍କଗୁଡିକ ସ୍ୱିସ୍ ଫେଡେରାଲ୍ ବ୍ୟାଙ୍କିଙ୍ଗ୍ ଆଇନର ଗୋପନୀୟତା ଅଧିନିୟମର ଧାରା ୪୭ ଅନୁଯାୟୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଅଧିକାର ପାଇଛନ୍ତି । ଯାହାକୁ ଆମେ ଏକ ସ୍ୱିସ୍ ବ୍ୟାଙ୍କ ବୋଲି କହୁଛୁ ତାହା ହେଉଛି ପ୍ରକୃତରେ ୟୁବିଏସ୍ ଯାହା ୟୁନିଅନ୍ ବ୍ୟାଙ୍କ ଅଫ୍ ସ୍ୱିଜରଲ୍ୟାଣ୍ଡ ଏବଂ ସ୍ୱିସ୍ ବ୍ୟାଙ୍କ କର୍ପୋରେସନର ମିଶ୍ରଣ ପରେ ୧୯୯୮ରେ ସୃଷ୍ଟି ହୋଇଥିଲା । ବିଶ୍ୱର ଶ୍ରେଷ୍ଠ ବ୍ୟାଙ୍କ ମଧ୍ୟରେ ସ୍ୱିସ୍ ବ୍ୟାଙ୍କ ଗୁଡିକ ଗଣନା କରାଯାଏ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁନ୍ ୨୦୨୪ ଶନିବାର




# ଏକ ସାଧାରଣ ଆଦିବାସୀ ପରିବାରର ନେତା ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ:କେନ୍ଦୁଝର ପାଇଁ ଗର୍ବ ଗୌରବ

**କେନ୍ଦୁଝର, ସୁରଜିତ ତ୍ରିପାଠୀ, ନ୍ୟୁଜ୍**

ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ଜଣେ ଆଦିବାସୀ ବିଧାୟକ ନିଜ ଅମାୟିକ ବ୍ୟବହାର, ସେବା ମନୋଭାବ ଓ ନିଜ ଦାୟିତ୍ୱ ବୋଧ ପାଇଁ ସମସ୍ତ ନେତାଙ୍କୁ ପଛରେ ପକାଇ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଆସନାଧୀନ । ଯାହାକି କେନ୍ଦୁଝର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛି ବୋଲି ଜିଲ୍ଲାବାସୀ ମତପ୍ରକାଶ କରିଛନ୍ତି । ତେବେ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ବିଭିନ୍ନ ସରକାର ସମୟରେ କେନ୍ଦୁଝର ଜିଲ୍ଲାର ନିର୍ବାଚିତ ପ୍ରତିନିଧି ମାନଙ୍କୁ ମଧ୍ୟରୁ ଯଦିଓ କେତେକ ପ୍ରତିନିଧିଙ୍କୁ ମନ୍ତ୍ରୀ ପଦର ସୁଯୋଗ ଦିଆଯାଇଥିଲା ହେଲେ ୨୦୨୪ରେ ବିଜେପି ଭଳି ଏକ କ୍ୟାଡ଼ର ଭିତ୍ତିକ ଦଳ ମୋହନ ଭଳି ଜଣେ ଲୋକପ୍ରିୟ ଆଦିବାସୀ ନେତାଙ୍କୁ ଆଜି ମୁଖମନ୍ତ୍ରୀ ପଦ ପ୍ରଦାନ କରି ବିଜେପି ଦଳ ଆଜି କର୍ତ୍ତବ୍ୟ ହିଁ ଭଗବାନ ବୋଲି ପ୍ରମାଣ କରି ଲୋକମାନଙ୍କ ମନ ଜିଣିପାରିଛନ୍ତି ଏବଂ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗୁଣଗାନ ସାରା ଓଡ଼ିଶାରେ ପ୍ରକମ୍ପିତ ହେବାରେ ଲାଗିଛି । ଜିଲ୍ଲାବାସୀ ମୋହନଙ୍କ ପାଇଁ ଗର୍ବରେ ଉତ୍‌ଫୁଲ୍ଲିତ ହୋଇପଡୁଛନ୍ତି । ସର୍ବପ୍ରଥମେ ୧୯୫୯ ମସିହା ଜୁଲାଇ ୧୪ ତାରିଖରେ



ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ଚମ୍ପୁଆ ଆସନରୁ ନିର୍ବାଚିତ ରାଜବଲ୍ଲଭ ମିଶ୍ରଙ୍କୁ ଆଦିବାସୀ ଗ୍ରାମ୍ୟ କଲ୍ୟାଣ ଓ ଶ୍ରମ ମନ୍ତ୍ରୀ ହେବାର ସୁଯୋଗ ଦିଆଯାଇଥିଲା, ସେହିଭଳି ୧୯୭୭ରେ ନୀଳମଣୀ ରାଉତରାୟଙ୍କ ମନ୍ତ୍ରୀ ମଣ୍ଡଳରେ ଚମ୍ପୁଆ ବିଧାୟକ ସହରାଇ ଓରାମ ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ୧୯୭୯ ମସିହା ଅକ୍ଟୋବର ୨୫ରେ କେବଳ ମତ୍ସ୍ୟ ଓ ଗ୍ରାମ୍ୟ ଉନ୍ନୟନ ଦାୟିତ୍ୱରେ ରହିଥିଲେ । ୧୯୮୦ ମସିହାରେ ଜାନକି ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ନିରଞ୍ଜନ ପଟ୍ଟନାୟକ ଶକ୍ତି ଓ ଜଳସେଚନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଓ ୧୯୮୫ରେ ଜାନକୀଙ୍କ ୨ୟ ଦଫା ମୁଖ୍ୟମନ୍ତ୍ରୀତ୍ୱରେ କ୍ୟାବିନେଟ୍ ପାହ୍ୟାର ରାଜସ୍ୱମନ୍ତ୍ରୀର ସୁଯୋଗ ପାଇଥିଲେ । ୧୯୮୯ ମସିହା ହେମାନନ୍ଦ ବିଶ୍ୱାଳଙ୍କ ସ୍ୱଳ୍ପକାଳର ମୁଖ୍ୟମନ୍ତ୍ରୀତ୍ୱରେ ଆନନ୍ଦପୁର ବିଧାୟକ ଜୟଦେବ ଜେନା ଖଣି ଭୂତତ୍ୱ ଓ କାରିଗରି ବିଜ୍ଞାନ ବିଭାଗର ମନ୍ତ୍ରୀ ଦାୟିତ୍ୱ ପାଇଥିବା ବେଳେ ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଚମ୍ପୁଆ ବିଧାୟକ ସହରାଇ ଓରାମ୍ କ୍ୟାବିନେଟ୍ ପାହ୍ୟାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ସଦର ବିଧାୟକ ଛୋଟରାୟ ମାଝୀ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ମନ୍ତ୍ରୀ ହୋଇଥିଲେ । ୧୯୯୫ରେ ପୁନଃ ଜାନକୀଙ୍କ ତୃତୀୟ ପାଳିର ମୁଖ୍ୟମନ୍ତ୍ରୀତ୍ୱରେ ଶ୍ରୀ ପଟ୍ଟନାୟକ ଶିଳ୍ପ, ହସ୍ତତନ୍ତ ଓ ବୟନ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେଇଥିବା ବେଳେ ୧୯୯୮ ମସିହାରେ ଜୟ-ଦେବ ଜେନା ଗଣଶିକ୍ଷା ବିଭାଗ ଓ ୧୯୯୯ରେ ପୂର୍ତ୍ତ ବିଭାଗର ମନ୍ତ୍ରୀର ଦାୟିତ୍ୱ ନେଇଥିଲେ, ସେହିଭଳି ୨୦୦୯ରେ ନବୀନ ପଟ୍ଟନାୟକଙ୍କ ତୃତୀୟ ପାଳି ମୁଖ୍ୟମନ୍ତ୍ରୀତ୍ୱରେ ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କୁ ନଗର ଉନ୍ନୟନ ଓ ଉଚ୍ଚଶିକ୍ଷା ବିଭାଗ ଓ ପରେ କ୍ୟାବିନେଟ୍ ପାହ୍ୟାର ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିବା ବେଳେ ୨୦୧୯ରେ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ମୁଖ୍ୟମନ୍ତ୍ରୀତ୍ୱରେ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କୁ ଦକ୍ଷତା ବିକାଶ ମନ୍ତ୍ରୀର ଦାୟିତ୍ୱ ଦିଆଯାଇଥିଲା ଏବଂ ଚଳିତ ୨୦୨୪ରେ ବିଜେପିର କେନ୍ଦୁଝର ଜିଲ୍ଲା ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ଇତିହାସ ରଚିଛନ୍ତି । ଯାହାକି କେନ୍ଦୁଝର ପାଇଁ ଗର୍ବ ପାଲଟିଛନ୍ତି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି । ନୂତନ ମୁଖ୍ୟମନ୍ତ୍ରୀ ତାଙ୍କ ଜୀବନରେ କଷ୍ଟର ମହତ କଣ ଅଙ୍ଗେ ନଭେଇଛନ୍ତି, କାରଣ ସେ ପ୍ରଥମେ ଏକ ଶିଶୁମନ୍ଦିର ବିଦ୍ୟାଳୟରେ ସ୍ୱଳ୍ପ ଦକ୍ଷିଣାରେ ଶିକ୍ଷକତା କରି ପରେ ସମୟ ସ୍ରୋତରେ ରାଜନୀତିରେ ପ୍ରବେଶ କରି ପ୍ରଥମେ ସରପଞ୍ଚ ହେଲେ ଓ ପରେ ପରେ ବିଧାୟକ ଓ ସଚେତକ ଏବଂ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ପଦବୀରେ । ଯାହାକି ଲୋକମାନଙ୍କର ବାସ୍ତବ ଆବଶ୍ୟକତା କଣ ନିଜେ ଅଙ୍ଗେ ନିଭାଇଛନ୍ତି, ଯାହାକି ଓଡ଼ିଶାର ସାଢେ ୪ କୋଟି ଜନତାଙ୍କ ବିଶ୍ୱାସ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରହିଛି, ଯାହାକି ସମୟକ୍ରମେ ସେ ବିଶ୍ୱାସକୁ ସୁରୁଗୁରୁପେ ପାଳନ କରିବେ ବୋଲି ଜନସାଧାରଣ ଆଶା ପ୍ରକାଶ କରିଛନ୍ତି ।

# ଶିକ୍ଷା ବର୍ଷ ଉପରେ ଭାରୀ ପଡ଼ିଛି ଖରା କୋପ:ବଢ଼ୁଛି ଛୁଟି, କମୁଛି ଶିକ୍ଷା ଦିବସ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହ ପାଇଁ ବିଗତ କିଛିବର୍ଷ ହେଲା ବିଦ୍ୟାଳୟର ଶିକ୍ଷାଦାନ ଦିବସ ପ୍ରଭାବିତ ହେଉଛି । ଖରା ଯୋଗୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଉଛି । ସେହିପରି ନିର୍ଦ୍ଧାରିତ ସମୟରେ ମଧ୍ୟ ବିଦ୍ୟାଳୟ ଖୋଲିପାରୁନି । ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ପାଇଁ ଛୁଟି ଅବଧି ବଢ଼ାଯାଉଛି । ଦିନକୁ ଦିନ ଶିକ୍ଷାଳୟରେ ଗ୍ରୀଷ୍ମ ପ୍ରବାହ ସହ ଖରା ଛୁଟି ଅବଧି ବଢ଼ି ଚାଲୁଛି । ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବାସହ ଶିକ୍ଷାବର୍ଷ ପ୍ରଭାବିତ ହେଉଛି । ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । କିଛି ସ୍ଥାନରେ ହାଲୁକା ବର୍ଷା ହୋଇଥିଲେ ମଧ୍ୟ ଗୁଳୁଗୁଳି ଲାଗି ରହିଛି । ଏହାରି ଭିତରେ ବିଦ୍ୟାଳୟ ଗୁଡ଼ିକର ଛୁଟିକୁ ୩ ଦିନ ବଢ଼ାଯାଇଛି । ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା । ଏହି ୩ ଦିନକୁ ମିଶାଇଲେ ଚଳିତ ବର୍ଷ ପ୍ରାୟ ୧୫ ଦିନ ଅଧିକ ବିଦ୍ୟାଳୟ ଛୁଟି ହୋଇଛି । ସେହିପରି ୨୦୨୩-୨୪ ଶିକ୍ଷା ବର୍ଷରେ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା । ଏହାସହ ନିର୍ଦ୍ଧାରିତ ସମୟ ପରେ ୩ ଦିନ ଛୁଟି ବଢ଼ିଥିବାରୁ ମୋଟ୍ ୧୮ ଦିନ ଛୁଟି ହୋଇଥିଲା । ୨୦୨୨-୨୩ ଶିକ୍ଷା ବର୍ଷରେ ୧୪ ଦିନ ଆଗରୁ ଓ ୩ ଦିନ ପରେ ବିଦ୍ୟାଳୟ ଖୋଲିଥିବାରୁ ସମୁଦାୟ ୧୭ ଦିନ ଅଧିକ ଛୁଟି ହୋଇଥିଲା । ପରିବର୍ତ୍ତିତ ଜଳବାୟୁକୁ ଅନୁଧ୍ୟାନ କଲେ ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ବଢ଼ିବ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି । ଫଳରେ ଗ୍ରୀଷ୍ମ ପ୍ରବାହ ପାଇଁ ବିଦ୍ୟାଳୟଗୁଡ଼ିକ ଅଧିକ ଦିନ ପର୍ଯ୍ୟନ୍ତ ଛୁଟି କରାଯିବ । ଛୁଟି ଅବଧି ବଢ଼ିଲେ ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ପ୍ରତିଫଳିତ ହେବ । ପୂର୍ବରୁଥିବା ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯାଉ ନଥିବାରୁ କମ୍ ସମୟରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ା ଯିବାଫଳରେ ଛାତ୍ରଛାତ୍ରୀ ମାନେ ଚାପଗ୍ରସ୍ତ ହେବାର ମଧ୍ୟ ଆଶଙ୍କା ରହିଛି । ଏହାର ପ୍ରତିକାର ପାଇଁ ଖୁବ୍‌ଶୀଘ୍ର ସମସ୍ତ ଶିକ୍ଷକ ପଦ ପୂରଣର ଆବଶ୍ୟକତା ରହିଥିବା ଶିକ୍ଷାବିତ୍ ଡଃ ମାନସ ବେହେରା କହିଛନ୍ତି । ସେହିପରି ଓ୍ୱାର୍କଲୋଡ୍ ଅନୁସାରେ ନୂତନ ଶିକ୍ଷକ ପଦ ସୃଷ୍ଟି କରାଗଲେ ଶିକ୍ଷାଦାନ ତ୍ୱରାନ୍ୱିତ ହୋଇପାରିବ । ଫଳରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଅବଶିଷ୍ଟ ଛୁଟିର କ୍ଷତିକୁ ଭରଣା କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍‌ଲାଇନ୍ ଶିକ୍ଷାଦାନକୁ ଅନ୍ୟଏକ ବିକଳ୍ପ ବୋଲି କହିଛନ୍ତି ଶିକ୍ଷାବିତ ଦେବାଶିଷ ପ୍ରଧାନ । କରୋନା ସମୟରେ ଅନ୍‌ଲାଇନ୍ ଶିକ୍ଷାଦାନ କରିବା ଆରମ୍ଭ ହୋଇଥିଲା । କିଛି ସ୍ଥାନରେ ନେଟୱାର୍କ ନ ଥିବାବେଳେ ଅଧିକାଂଶ ଛାତ୍ରଛାତ୍ରୀଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବାରୁ ଏହା ପ୍ରଭାବିତ ହୋଇଥିଲା । ସମ୍ପ୍ରତି ୫-ଜି ଆସିଥିବାବେଳେ ନେଟୱାର୍କ ସମସ୍ୟା ସରକାରଙ୍କୁ ଦୂର କରିବାକୁ ହେବ । ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟଫୋନ୍ ଦେବା ସମ୍ପର୍କରେ ମଧ୍ୟ ସରକାର ବିଚାର କରିବା ଆବଶ୍ୟକ ରହିଥିବା ସେ କହିଛନ୍ତି ।

# ବିବାହର ପ୍ରଲୋଭନ ଦେଖାଇ ଅନୈତିକ ସମ୍ପର୍କ:ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବିବାହର ପ୍ରଲୋଭନ ଦେଖାଇ ଅନୈତିକ ସମ୍ପର୍କ ରଖିଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରିଛି ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବଲାଙ୍ଗିରର ସଞ୍ଜିବ ବେହେରା । ପୋଲିସ ସୂଚନା ଅନୁଯାଇ ବଲାଙ୍ଗିରର ସଞ୍ଜିବ ବେହେରା ଜୟପୁର ବଙ୍ଗଳାବାଡରେ ଶଶୁର ଘରେ ରହୁଥିଲେ । ଜଣେ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ଅନୈତିକ ସମ୍ପର୍କ ରଖିଥିବା ନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି ।

# ଆଳୁ ଚିପ୍ସ ପ୍ୟାକେଟ୍‌ରେ ମଲା ବେଙ୍ଗ !

**ଜାମନଗର, ନ୍ୟୁଜ୍ ବ୍ୟୁରୋ**

ଗୁଜରାଟ ଜାମନଗର ସହର ଅନ୍ତର୍ଗତ ପୁଷ୍କରଧାମ ଅଞ୍ଚଳରେ ରହୁଥିବା ଜସ୍ମିତ ପଟେଲ ନାମକ ଜଣେ ବ୍ୟକ୍ତି କିଣିଥିବା ଏକ ଆଳୁ ଚିପ୍ସ ପ୍ୟାକେଟ୍‌ରୁ ମଲା ବେଙ୍ଗ ବାହାରିବା ଚର୍ଚ୍ଚାର ବିଷୟ ପାଲଟିଛି । ଜସ୍ମିତ ଦୋକାନରୁ ଏକ ଆଳୁ ଚିପ୍ସ ପ୍ୟାକେଟ୍ କିଣିଥିଲେ । ରାତିରେ ସେ ତାହାକୁ ଅଧା ଖାଇ ଥୋଇ ଦେଇଥିଲେ । ବୁଧବାର ସକାଳେ ଜସ୍ମିତଙ୍କ ଝିଅ ସେହି ପ୍ୟାକେଟ୍‌କୁ ଖୋଲିବା ପରେ ସେଥିରେ ଏକ ମଲା ବେଙ୍ଗ ଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ଭୟଭୀତ ହୋଇ ତୁରନ୍ତ ଜାମନଗର ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ । ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଜସ୍ମିତଙ୍କ ଘରେ ପହଞ୍ଚି ଚିପ୍ସ ପ୍ୟାକେଟ୍‌କୁ ଜବତ କରି ପରୀକ୍ଷା ପାଇଁ ପଠାଇଥିଲେ । ଏଥିସହ ସେହି ବ୍ୟାଚ୍‌ର ସମସ୍ତ ଚିପ୍ସକୁ ବିଭିନ୍ନ ଦୋକାନରୁ ଜବତ କରି ପରୀକ୍ଷା ପାଇଁ ପଠାଯାଇଛି । ଖାଦ୍ୟଦ୍ରବ୍ୟ ପ୍ରସ୍ତୁତକାରୀ କମ୍ପାନୀଙ୍କ ଏପରି ଦାୟିତ୍ୱହୀନତା ଗ୍ରାହକଙ୍କ ସ୍ୱାସ୍ଥ୍ୟପ୍ରତି କୁପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି ।

# କରଞ୍ଜମାଳ ହତ୍ୟା ଘଟଣା:ଗ୍ରାମବାସୀଙ୍କ ଅସହଯୋଗରୁ ଆସାମୀଙ୍କୁ ଧରିପାରିଲାନି ପୋଲିସ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର କରଞ୍ଜମାଳ ଫାଣ୍ଡି ଅଞ୍ଚଳରେ ହୋଇଥିବା ଏକ ମର୍ଡର କେସ୍‌ର ଆସାମୀ ମାନଙ୍କୁ ଧରିବାକୁ ଯାଇ ପୁଲିସ ହଟହଟା ହୋଇଛି । ଏହି ଘଟଣାରେ ଗ୍ରାମବାସୀମାନେ ବାଂଶଡା ଥାନା ଷ୍ଟାଫ ଏବଂ ଘଣ୍ଟେଶ୍ୱର ଫାଣ୍ଡି ଷ୍ଟାଫଙ୍କୁ ବହୁ ସମୟ ଧରି ଅଟକ ରଖିବା ପରେ ଛାଡିଥିଲେ । ପ୍ରାପ୍ତ ଖବରରୁ ଜଣାଯାଇଛି କରଣପଲ୍ଲୀ ଅଞ୍ଚଳରେ ଗତ ୧୭ ତାରିଖ ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସେହି ଅଞ୍ଚଳର କିଛି ଲୋକ ଘରୁ ଘୋଷାରି ନେଇ ବାଡେଇ ବାଡେଇ ମାରି ଦେଇଥିଲେ ବୋଲି ସଂପୃକ୍ତ ଯୁବକଙ୍କ ବାପା ବାଂଶଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ସଂପୃକ୍ତ ଆସାମୀମାନେ ଘଣ୍ଟେଶ୍ୱର ଫାଣ୍ଡି ଅଧିନରେ ଥିବା ବ୍ରହ୍ମଟିକ୍ରି ଗ୍ରାମରେ ଲୁଚିଥିବା ଖବର ବାଂଶଡା ପୁଲିସର ହସ୍ତଗତ ହୋଇଥିଲା । ଏହି ଖବରକୁ ଆଧାର କରି ବାଂଶଡା ଥାନା ଅଧିକାରୀ ନିଜର ଷ୍ଟାଫ ମାନଙ୍କ ସହ ଯାଇ ଘଣ୍ଟେଶ୍ୱର ଫାଣ୍ଡିରେ ପହଞ୍ଚିଥିଲେ । ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀଙ୍କ ସହଯୋଗରେ ସମସ୍ତ ଷ୍ଟାଫ୍‌ମାନେ ଯାଇ ବ୍ରହ୍ମଟିକ୍ରି ଗ୍ରାମରେ ପହଞ୍ଚିଥିଲେ । ମାତ୍ର ସଂପୃକ୍ତ ଆସାମୀକୁ ଖୋଜିବାକୁ ପୁଲିସ ନାକେଦମ ହୋଇପଡିଥିଲା । ଏହାର କାରଣ ସେହି ଗ୍ରାମରେ ମୁରଲୀ ବିଳାସ ନାମରେ ୨/୩ ଜଣ ବ୍ୟକ୍ତି ଥିବାବେଳେ ପ୍ରକୃତରେ କେଉଁ ମୁରଲୀ ବିଳାସ ଏହି ମର୍ଡର ଆସାମୀମାନଙ୍କୁ ସୁରକ୍ଷା ଦେଇଛି ତାହା ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ସମସ୍ୟା ହୋଇଥିଲା । ଫଳରେ ସଂପୃକ୍ତ ପୁଲିସ ଅଧିକାରୀ ଭୁଲ୍‌ରେ ଏହି ମର୍ଡର କେସ୍‌ରେ ସଂପୃକ୍ତ ନଥିବା ସହ କୌଣସି ଆସାମୀ ବିଷୟରେ ଜାଣିନଥିବା ମୁରଲୀ ବିଳାସଙ୍କ ଘରେ ପହଞ୍ଚି ମୁରଲି ବିଳାସଙ୍କ ପରିବାରକୁ ହଇରାଣ କରିବା ସହ ସେମାନଙ୍କୁ ଆଲମିରା ଖୋଲିବା ଏବଂ ତାଙ୍କ ପରିବାରକୁ ଧମକ ଚମକ ଦେଇ କେଉଁଠି ଆସାମୀ ମାନଙ୍କୁ ରଖିଛ ବୋଲି ଜେରା କରିଥିଲେ । ମୁରଲୀ ବିଳାସଙ୍କ ପରିବାର ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ଅଧିକାରୀ କିଛି ବୁଝିନଥିଲେ । ଏହି କଥାକୁ ଆଧାର କରି ବ୍ରହ୍ମଟିକ୍ରି ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ ଏବଂ ସମସ୍ତ ପୁଲିସ ଅଧିକାରୀଙ୍କୁ ଅଟକାଇ ରଖିଥିଲେ । ଦୀର୍ଘ ସମୟ ଅଟକାଇବା ପରେ ଅନ୍ୟ ଲୋକଙ୍କ ମଧ୍ୟସ୍ଥିତାରେ ଗ୍ରାମବାସୀ ପୁଲିସ ଅଧିକାରୀ ମାନଙ୍କୁ ଛାଡିଥିଲେ । ଏହି ଘଟଣାକୁ ନେଇ ବାଂଶଡା ଥାନାଧିକାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । କରଣପଲ୍ଲୀ ଅଞ୍ଚଳରେ ହୋଇଥିବା ମର୍ଡର କେସ୍‌ରେ ଆସାମୀମାନେ ବ୍ରହ୍ମଟିକ୍ରି ଗ୍ରାମରେ ଲୁଚି ରହିଥିଲେ ମାତ୍ର ସଂପୃକ୍ତ ଗ୍ରାମବାସୀ ପୁଲିସ ପ୍ରଶାସନକୁ ସହଯୋଗ ନକରିବାରୁ ଆସାମୀମାନଙ୍କୁ ଗିରଫ କରିବା ସମ୍ଭବ ହୋଇପାରିନଥିଲା, ଫଳରେ ବାଧ୍ୟ ହୋଇ ଆମେ ଫେରିଲୁ, ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ସହଯୋଗ ମିଳିଲେ ଖୁବ୍‌ଶୀଘ୍ର ଏହି ମର୍ଡର କେସ୍‌ର ସମସ୍ତ ଆସାମୀ ମାନଙ୍କୁ ଗିରଫ କରାଯିବ ବୋଲି ବାଂଶଡା ଥାନାଧିକାରୀ ଦେବରାଜ ଜେନା ନିଜର ପ୍ରତିକ୍ରିୟା ରଖିଛନ୍ତି ।

# ଡିପ୍‌ଥେରିଆରେ ପୁଣି ଜଣେ ବାଳକର ମୃତ୍ୟୁ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଜଣେ ଡିପ୍‌ଥେରିଆ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏମକେସିଜି ମେଡିକାଲ ଅଧିକ୍ଷକ ଏହି ସୂଚନା ଦେଇଛନ୍ତି । ଚିକିତ୍ସାଧୀନ ୪ ଜଣଙ୍କ ମଧ୍ୟରୁ ଜଣେ ପିଲାର ମୃତ୍ୟୁ ଘଟିଥିବା ଏବଂ ମୃତକ ୧୦ ବର୍ଷର ବାଳକ । ତାର ଘର କୋରାପୁଟ ବନ୍ଧୁଗାଁରେ ବୋଲି ସେ କହିଛନ୍ତି ।

# ଦାବିପତ୍ର ଗୁଡିକର ବିଚାର ବିଳମ୍ବ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ, ନ୍ୟୁଜ୍ ବ୍ୟୁରୋ**

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାଧାରଣ ଲୋକ ଅବା ସରକାରୀ କର୍ମଚାରୀଙ୍କ ଅଭିଯୋଗ ସମ୍ବଳିତ ଦାବିପତ୍ର ବିଚାର ହେଉନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ବିଶେଷକରି ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ବହୁ ଦାବିପତ୍ର ବିଚାର କରାଯାଉ ନଥିବାରୁ ଅଦାଲତ ଅବମାନନା ମାମଲା ବୃଦ୍ଧି ପାଉଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । କେତେ ଦାବିପତ୍ରର ବିଚାର ଶେଷ ହୋଇଛି ଓ କେତେ ବିଚାରାଧୀନ ରହିଛି । ସେ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ନିଜ ଆଡୁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍‌ଲାଇନ୍‌ରେ



ଉପସ୍ଥିତ ରହି ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ହାଇକୋର୍ଟଙ୍କୁ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ । ଉପରୋକ୍ତ ପ୍ରସଙ୍ଗରେ ଦିନକ ମଧ୍ୟରେ ସମସ୍ତ ବିଭାଗର ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆହୂତ କରାଯିବ । ସେହିପରି ସାପ୍ତାହିକ ଭିତ୍ତିରେ ଦାବିପତ୍ର ବିଚାର ବା ସମାଧାନ ସଂକ୍ରାନ୍ତରେ ସେ ନିଜେ ମନିଟରିଂ କରିବେ ବୋଲି ମୁଖ୍ୟ ଶାସନ ସଚିବ ଅଦାଲତଙ୍କୁ ଅବଗତ କରାଇଥିଲେ । ଦାବିପତ୍ର ବିଚାର ହୋଇନଥିବା କାରଣରୁ ପ୍ରାୟ ୧୩ ହଜାର ଅଦାଲତ ଅବମାନନା ମାମଲା ଚାଲିଥିବା ନେଇ ମୁଖ୍ୟ ଶାସନ ସଚିବ କହିଥିଲେ । ଏଥିପାଇଁ ଆସନ୍ତା ଏକ ମାସ ସମୟ ପ୍ରଦାନ କରିଥିବା ବେଳେ ପରବର୍ତ୍ତୀ ଶୁଣାଣି ସମୟରେ ନିର୍ଦ୍ଦେଶ କାର୍ଯ୍ୟକାରିତା ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ସାଧାରଣ ଲୋକ କିମ୍ବା ସରକାରୀ ବେସରକାରୀ କର୍ମଚାରୀ ସେମାନଙ୍କ ଅଭିଯୋଗ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅନେକ ସମୟରେ ଏହାର ଫଇସଲା ବିଳମ୍ବ ପାଇଁ ଅଦାଲତରେ ଏହି ମାମଲା ସଂଖ୍ୟା ବଢୁଛି । ଏଣୁ ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୪ ସପ୍ତାହ ପରେ ଧାର୍ଯ୍ୟ ହୋଇଛି ।

# ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବୋରିଗୁମ୍ମା ଥାନା ବିଜାପୁର ନିକଟରେ ବାଇକ୍ ଦୁର୍ଘଟଣା ଘଟି ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ବୋରିଗୁମ୍ମା ମେଡିକାଲ୍‌ରେ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକଙ୍କ ମଧ୍ୟ ମୃତ୍ୟୁ ଘଟିଛି । ଉଭୟ ମୃତ ଯୁବକ ଦୁଇ ବନ୍ଧୁ ଏମାନେ ଜୟପୁର ସହରର । ଦୁଇ ବନ୍ଧୁ ମିଶି କୋଟପାଡ଼ରେ ଏକ ବାହାଘର ଭୋଜି ଖାଇ ବାଇକ୍ ଯୋଗେ ଜୟପୁର ଫେରୁଥିଲାବେଳେ ବିଜାପୁର ରାସ୍ତା ନିକଟରେ, ରାସ୍ତା ପାର୍ଶ୍ୱରେ ରାସ୍ତା ଖୋଳାଯାଇ ମାଟି ଗଦା ହୋଇଥିଲା । ସେହି ମାଟି ଗଦା ଉପରେ ବାଇକ୍ ଚଢ଼ି ଯାଇଥିଲା । ଫଳରେ ଦୁଇ ବନ୍ଧୁ ବାଇକ୍‌ରୁ ଛିଟିକି ରାସ୍ତା ଉପରେ ପଡ଼ିଥିଲେ । ଉଭୟଙ୍କ ମସ୍ତିଷ୍କରେ ଆଘାତ ହୋଇ ପ୍ରବଳ ରକ୍ତ ସ୍ରାବ ହୋଇଥିଲା । ଉଭୟଙ୍କୁ ଘଟଣା ସ୍ଥଳରୁ ତାଙ୍କ ସମ୍ପର୍କୀୟ ମାନେ ଉଠାଇ ବୋରିଗୁମ୍ମା ମେଡିକାଲକୁ ଆଣିଥିଲେ । ମୃତ ଦୁଇଜଣ ହେଲେ ଜୟପୁରର ବିନାୟକ ରଥ ଏବଂ ଦୀପକ ପାଇକ । ଘଟଣାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗରେ ଏକ ସଂସ୍ଥା ବିଜାପୁର ନିକଟରେ ରାସ୍ତା ଖୋଳି ଛାଡି ଦେଇଥିବାରୁ ଦୁଇ ଯୁବକଙ୍କ ଜୀବନ ଯାଇଛି । ଏଣୁ ସେହି ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରାଯାଉଛି । ଦୁଇ ଶବ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି । ବୋରିଗୁମ୍ମା ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ।

# ରଥଯାତ୍ରାରେ ବଢ଼ିବ ଜୋତା ଓ ଗାଡ଼ି ପାର୍କିଂ ଫି

## ମୋବାଇଲ୍, ଦୁଇଚକିଆ ପାଇଁ ଭକ୍ତ ଗଣିବେ ୨ ଗୁଣା ଟଙ୍କା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରାରେ ଭକ୍ତ ଗଣିବେ ଦୁଇଗୁଣା ଫି । ମୋବାଇଲ୍ ହେଉ ଅବା ହ୍ୟାଣ୍ଡବ୍ୟାଗ୍, ଦୁଇଚକିଆ ହେଉ ଅବା ଚାରିଚକିଆ ଗାଡ଼ି । ପୁଣି ସମୟ ଯେତେ ବଢ଼ିବ ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ସେତେ ଅଧିକ ଫି ଆଦାୟ ହେବ । ଅର୍ଥାତ୍ ଚାରିଚକିଆ ଗାଡ଼ି ଦୁଇ ଘଣ୍ଟା ରଖିବା ପାଇଁ ୩୦ ଟଙ୍କା ଦେବାକୁ ପଡ଼ିବ । କିନ୍ତୁ ୨୪ ଘଣ୍ଟା ରଖିଲେ ୧୦୦ ଟଙ୍କା ଗଣିବାକୁ ପଡ଼ିବ । ପୌରପାଳିକା ପକ୍ଷରୁ ଏଥର ପାର୍କିଂ ଫି' ପାଇଁ ପରିବର୍ଦ୍ଧିତ ଦର ସ୍ଥିର କରାଯାଇଛି । ସ୍ଥାୟୀ ପାର୍କିଂ ବ୍ୟତୀତ ରଥଯାତ୍ରାରେ ହେବାକୁ ଯାଉଥିବା ଅସ୍ଥାୟୀ ପାର୍କିଂ ଓ ଜୋତା ଷ୍ଟାଣ୍ଡରୁ ଏଥର ପରିବର୍ଦ୍ଧିତ ଦର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଠାରୁ ଅସୁଲ କରାଯିବ । ରଥଯାତ୍ରାରେ ଏଥର ମଧ୍ୟ ୫ଟି ସ୍ଥାନରେ ଜୋତାଷ୍ଟାଣ୍ଡ କରାଯିବ । ଗୁଣ୍ଡିଚାମନ୍ଦିର ନିକଟ ମୁଣ୍ଡିଆମରା, ପୁଲିସ ହଲିଡେ ହୋମ୍ ? ନିକଟ ଏବଂ ପୁଲିସ କଣ୍ଟ୍ରୋଲ ରୁମ୍ ? ନିକଟରେ ୩ଟି ଜୋତାଷ୍ଟାଣ୍ଡ କରାଯିବ । ଜୋତା ହଳ ପାଇଁ ଭକ୍ତମାନେ ପୂର୍ବ ଭଳି ୫ ଟଙ୍କା ଲେଖାଏଁ ଦେବେ । ମାତ୍ର ମୋବାଇଲ ପାଇଁ ଏଥର ୧୦ ଟଙ୍କା ପରିବର୍ତ୍ତେ ୨୦ ଟଙ୍କା ଫି ଦେବାକୁ ପଡ଼ିବ । ସେହିଭଳି ହ୍ୟାଣ୍ଡବ୍ୟାଗ୍ ରଖିବା ପାଇଁ ପୂର୍ବରୁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଥିବା ବେଳେ ଏଥର ଏହା ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାବ୍ୟତୀତ ହେଲମେଟ୍ ରଖିବା ପାଇଁ ୧୦ ଟଙ୍କା ଦର ସ୍ଥିର କରାଯାଇଛି । ଦୁଇଚକିଆ ପାଇଁ ଭୋଳାନାଥ ସ୍କୁଲ୍ ନିକଟ ଓ ଲୋକନାଥ ରୋଡ଼ରେ ପାର୍କିଂ ବ୍ୟବସ୍ଥା ରହିବ । ଦୁଇଚକିଆ ରଖିବା ପାଇଁ ପୂର୍ବରୁ ୧୦ ଟଙ୍କା ଅସୁଲ କରାଯାଉଥିଲା । ତେବେ ଏଥର ସମୟ ବ୍ୟବଧାନ ଅନୁଯାୟୀ ୫୦ ଟଙ୍କା ପର୍ଯ୍ୟନ୍ତ ଦର ଦେବାକୁ ପଡ଼ିବ । ସେହିଭଳି ଚାରିଚକିଆ ପାଇଁ ଏଥର ୯ଟି ଅସ୍ଥାୟୀ ପାର୍କିଂ ସ୍ଥାନ ସ୍ଥିର କରାଯାଇଛି । ଫ୍ଲୋରିସ୍ ଇଣ୍ଡିଆ, ନାଲିପଡ଼ିଆ, ଆଇଟିଆଇ କଲେଜ, ସଂସ୍କୃତ ବିଶ୍ୱବିଦ୍ୟାଳୟ, ଭୂଦାନ ପାର୍କିଂ, ଇନ୍‌ଡୋର୍ ଷ୍ଟାଡିୟମ୍, ସମଙ୍ଗ ପାର୍କିଂ, ହଲିଡେ ରିସୋର୍ଟ ପଛ ପାର୍ଶ୍ୱ ପାର୍କିଂ ଓ ହର୍ଟିକଲ୍‌ଚର୍‌ରେ ଚାରିଚକିଆ ଯାନ ପାର୍କିଂର ସୁବିଧା ମିଳିବ । ଏଥିଲାଗି ଚାରିଚକିଆ ଯାନକୁ ୩୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଗଣିବାକୁ ପଡ଼ିବ । ଅଟୋ ପାର୍କିଂ ପାଇଁ ମଧ୍ୟ ସମୟ ବ୍ୟବଧାନ ଅନୁଯାୟୀ ୩୦ ଟଙ୍କାରୁ ୬୦ ଟଙ୍କା ପର୍ଯ୍ୟନ୍ତ ଫି ଗଣିବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେଉଁ ଭକ୍ତ କେତେ ଘଣ୍ଟା ଗାଡ଼ି ପାର୍କିଂ କରିବେ ତାହା ସେମାନଙ୍କ ଟିକେଟ୍‌ରେ ଲେଖିଦିଆଯିବ ନା ସର୍ବାଧିକ ସମସ୍ତଙ୍କଠୁ ସର୍ବାଧିକ ଫି' ଆଦାୟ କରାଯିବ ତାହା ସ୍ପଷ୍ଟ କରାଯାଇନାହିଁ । ଏପରି ହେଲେ ଭକ୍ତମାନେ ବେଶି ଠକାମିରେ ପଡ଼ିବାର ଆଶଙ୍କା ରହିବ ।



# ଲୋ-ଭୋଲଟେଜ୍ ପାଇଁ ଗ୍ରାମବାସୀ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାରେ ପ୍ରବଳ ଗ୍ରୀଷ୍ମ ତାପରେ ଲୋକ ନାକେଦମ ଥିବାବେଳେ ବିଦ୍ୟୁତ୍ ବିଭାଗର ଅବହେଳା ଓ ଖାମ ଖିଆଲି ନୀତି ଯୋଗୁ ଜଗନ୍ନାଥପୁର (ପଣ୍ଡାସାହି)ର ଗ୍ରାମବାସୀମାନେ ଲୋ ଭୋଲ୍‌ଟେଜ୍ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଡେରାବୀଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଣ୍ଡାସାହିର ଶତାଧିକ ଗ୍ରାମବାସୀ ଜିଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ଦୀର୍ଘଦିନ ହେଲା ତାଙ୍କ ଅଞ୍ଚଳରେ ଲୋ-ଭୋଲଟେଜ୍ ଜନିତ ସମସ୍ୟା ରହୁଥିବା ଫଳରେ ପଙ୍ଖା ଚାଲୁ ନଥିବା, ବଲ୍ ଠିକ୍ ଭାବରେ ଜଳୁନଥିବା ଓ ଏସି ଆଦୌ ଚାଲୁନଥିବାରୁ ରୋଗଗ୍ରସ୍ତ ବୃଦ୍ଧ, ବୃଦ୍ଧା, ବୟସ୍କ ନାଗରିକ, ଛାତ୍ରଛାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀ ମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଗ୍ରାମବାସୀମାନେ ବାରମ୍ବାର ଜିଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ଅଭିଯୋଗ କଲେ ମଧ୍ୟ ଲୋ-ଭୋଲଟେଜ୍‌ର ସ୍ଥାୟୀ ସମାଧାନ ନ କରାଯିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଗ୍ରାମର ପ୍ରଫୁଲ୍ଲ ପଣ୍ଡା, ବିଷ୍ଣୁ ଚରଣ ତ୍ରିପାଠୀ, ବିଶ୍ୱ ଭୂଷଣ ପ୍ରହରାଜ, ଧ୍ରୁବ ଚରଣ ସାହୁ, ମଧୁସୂଦନ ପଣ୍ଡା, ହରେକୃଷ୍ଣ ପଣ୍ଡା ପ୍ରମୁଖ ଜଣାଇଛନ୍ତି ।

# ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୨।୬।୨୦୨୪, ଆଷାଢ଼ ୮ଦିନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୦୯।୦୯** **ଚନ୍ଦ୍ରୋଦୟ- ସଂଘ ୦୭।୦୪।୦୯**

**ପୂର୍ଣ୍ଣିମା-** ପ୍ରାଘ ୬।୩୮ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ସଂଘ ୫।୫୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ଆମିଷ ପ୍ରାଘ ୬।୩୮ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୦ ଗତେ ଘ ୧୨।୧୫ ମଧ୍ୟେ । ଦିଘ ୩।୦୭ ଗତେ ଘ ୩।୪୬ ମଧ୍ୟେ । **ପର୍ବୋତ୍ସବ-** ସ୍ନାନ ପୂର୍ଣ୍ଣିମା, ମହାପ୍ରଭୁଙ୍କ ଗଜାନନ ବେଶ, ସନ୍ଥ କବିର ଜୟନ୍ତୀ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ସାଙ୍ଗକୁ ସେବା ଓ ବ୍ରତର ମଧ୍ୟ ସୁଯୋଗ ଲାଭ କରିବେ । ଆୟ ସାମାନ୍ୟ ବୃଦ୍ଧି ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଭଲ ରହିବ ।



**ବୃଷ:** ଆଜି ମନରେ ଅଶାନ୍ତି ସୃଷ୍ଟି ହେବ । ଆୟ ଓ ବ୍ୟୟ ମଧ୍ୟମ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଅସ୍ଥିର ରହିବ । ଠକାମିର ଶିକାର ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ ।



**ମିଥୁନ:** ଆପଣ ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ କରିବେ । ମନରେ ପ୍ରସନ୍ନ ଭାବ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା । ଆୟ ଭଲ ହେବ । ଦେହ ମନ ଭଲ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**କର୍କଟ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ପରିବାର ପାଇଁ ସାମାନ୍ୟ ଚିନ୍ତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରା କରିପାରନ୍ତି ।



**ସିଂହ:** ପରିବାରରେ ଅଶାନ୍ତି ଦେଖାଦେବ । ଆପଣ ନୀତିଭ୍ରଷ୍ଟ ମଧ୍ୟ ହୋଇପାରନ୍ତି । ଅସହଯୋଗ ଯୋଗୁ ପଦୋନ୍ନତିରେ ବାଧା । ଆୟ ଓ ବ୍ୟୟ ସମାନ ରହିବ । ଅଯଥା ଭ୍ରମଣ ଯୋଗ । ମହିଳାମାନେ ସୁଖୀ ହେବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ବନ୍ଧୁମାନଙ୍କ ସାଙ୍ଗେ କଳହ ବା ମତାନ୍ତର ସୃଷ୍ଟି ହେବ । ବ୍ୟବସାୟରେ ଲାଭବାନ୍ ହେବେ । କଚେରୀ ମାମଲାରେ ଆପୋଷ ଆଲୋଚନା ଦ୍ୱାରା ସମ୍ଭବ ହେବ ।



**ତୁଳା:** ଆଜି ସମସ୍ତ କାର୍ଯ୍ୟ ସଫଳ ହେଲେ ମଧ୍ୟ ଶାରୀରିକ ଅସୁସ୍ଥତା ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମନ ଅସ୍ଥିର ରହିବ । ମହିଳାମାନେ ବିଚଳିତ ହେବେ ।



**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ । ପ୍ରତୀକ୍ଷା କରିଥିବା ଖବରଟି ପ୍ରାପ୍ତ ହେବ । ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ସ୍ଥିର ରହିବ । ପିଲାମାନେ ପାଠପଢ଼ାରେ ମନ ଦେବାର ସୂଚନା ।



**ଧନୁ:** ଆଜି ଦିନଟି ଭଲରେ କଟିବ । ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପ୍ରାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ଦେହ ମନ ଭଲ ରହିବ । ଆୟ ମଧ୍ୟମ ଧରଣର ହେବ ।



**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଠକାମିର ଶିକାର ହୋଇପାରନ୍ତି । ଶତ୍ରୁ ନାଶ ହେବେ । ମହିଳାମାନେ ସୁଖୀ ହେବେ । ସୁସମ୍ବାଦ ମିଳିବ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ବୃଦ୍ଧି ହେବ । ଗୃହରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଯୋଗୁ ଚିନ୍ତିତ ହେବେ । ମନ ଅସ୍ଥିରତା ରହିବ । କୁଭୋଜନ କରି ଉଦର ପୀଡ଼ା ଦେଖାଦେବ ।



**ମୀନ:** ଆୟ ଠାରୁ ବ୍ୟୟ ଅଧିକ ହେବ । ଏଣୁ ଗୃହରେ ଅଶାନ୍ତି । କର୍ମକ୍ଷେତ୍ରରେ ସଫଳତା । ମନ ପ୍ରଫୁଲ୍ଲ ରହିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ । ଶରୀର ସୁସ୍ଥ ରହିବ । ମହିଳାମାନେ ଉଚ୍ଚମନା ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୩।୬।୨୦୨୪, ଆଷାଢ଼ ୯ଦିନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୦୯।୨୨** **ଚନ୍ଦ୍ରୋଦୟ- ରାଘ ୦୭।୫୯।୫୩**

**ପ୍ରତିପଦ-** ପ୍ରାଘ ୫।୧୩ ପର୍ଯ୍ୟନ୍ତ । **ଦ୍ୱିତୀୟା କ୍ଷ:-** ରାଘ ୩।୨୬ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର- ସଂଘ ୫।୦୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୧୦।୪୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୦।୪୭ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୧୦।୪୭ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ପାଣି କଖାରୁ ପ୍ରାଘ ୫।୧୩ ପରେ ବୋଇତି କଖାରୁ ରାଘ ୩।୨୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୯ ଗତେ ଘ ୯।୩୭ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୫୩ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକାରମ୍ଭ, ଅଲାରନାଥ ଦର୍ଶନାରମ୍ଭ ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଦେଶର ୮୩% ଯୁବବର୍ଗ ବେକାର

ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍‌ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍‌ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍‌ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍‌ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍‌ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍‌ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍‌ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# ଦେବସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର,
ମୋ-୯୪୩୭୦୮୪୩୧୨

ଦେବସ୍ନାନ ପୂର୍ଣ୍ଣମୀ ସ୍ନାନ ଉତ୍ସବ ଜ୍ୟେଷ୍ଠ ମାସ ଶୁକ୍ଲ ପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀ କ୍ଷେତ୍ରରେ ପାଳନ କରାଯାଏ। ଏହି ଦିନ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କୁ ପାରମ୍ପରିକ ରୀତିନୀତିରେ ବେଦ ଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହାପରେ ପ୍ରଭୁ ମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ବର୍ଷକରେ ଥରେ ପ୍ରଭୁମାନେ ସ୍ନାନ ମଣ୍ଡପରେ ସ୍ନାନ କରନ୍ତି ଓ ଅନ୍ୟ ଦିନରେ କେବଳ ମନ୍ତ୍ର ସ୍ନାନ କରାଯାଏ। ଦାରୁବ୍ରହ୍ମଙ୍କ ଲୀଳା କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା । ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଏହାକୁ ମଧ୍ୟ ଶ୍ରୀ ଦାରୁବ୍ରହ୍ମଙ୍କ ଆଦ୍ୟ ଲୀଳା ବୋଲି ମଧ୍ୟ କୁହାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରିଥିଲେ ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେତେବେଳେ ସ୍ନାନ ମଣ୍ଡପ ନ ଥିବାରୁ ମଞ୍ଚ ନିର୍ମାଣ କରାଯାଇ ତା ଉପରେ ସ୍ନାନ ବିଧି କରାଉଥିଲେ । ଅନେକ ଶାସ୍ତ୍ରରେ ଏହାକୁ ମଞ୍ଚ ସ୍ନାନ ବୋଲି ଅଭିହିତ କରିଅଛନ୍ତି। ଶାସ୍ତ୍ର ଅନୁଯାୟୀ ୧୦୮ ସୁନା କଳସ ବା ଗରାରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁ ବ୍ରହ୍ମଙ୍କ ଆଦ୍ୟ ସ୍ନାନ ଲୀଳା ସମାପନ ହୋଇଥିଲା, ସେହି ଶାସ୍ତ୍ରୀୟ ମତ ଅନୁସରଣ କରି ଆଜିବି ସ୍ନାନ ଉତ୍ସବ ଅତି ଆନନ୍ଦ ଓ ଭକ୍ତିପୂତ ପରିବେଶରେ ପାଳନ କରାଯାଉଛି । ଏହି ସ୍ନାନ ଉତ୍ସବରେ ପ୍ରଭୁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ତାଙ୍କ ଭକ୍ତମାନଙ୍କୁ ଦର୍ଶନ ଦେଉଥିବାରୁ କେତେକ ଏହାକୁ ମଧ୍ୟ ପତିତପାବନ ଯାତ୍ରା କହନ୍ତି। ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବାପରେ ସ୍ୱଳ୍ପ ସମୟ ପାଇଁ ପହୁଡ଼ ନୀତି ହୋଇ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହୁଏ। ଏହିଦିନ କୋଠ ସୁଆଂଶିଆ ସେବକ ମାନେ ମନ୍ଦିରରେ ପ୍ରବେଶ କରି ଚାର ମାଳ ବାନ୍ଧି , ପ୍ରଭୁଙ୍କ ସେନାପଟା ଓ ବାହୁଟି ନଗୀ କରାନ୍ତି ଓ ରତ୍ନ ସିଂହାସନ ଉପରେ ମଙ୍ଗଳ ଆଳତି ହୁଏ ।

ତାପରେ ଦଇତାପତି ମାନେ ମହାପ୍ରଭୁମାନଙ୍କ ପହଣ୍ଡି କରିବା ବେଳେ ମଦନମୋହନଙ୍କୁ ମହାଜନ ସେବକମାନେ ସ୍ନାନ ମଣ୍ଡପକୁ ବିଜେ କରାନ୍ତି । ପହଣ୍ଡି ସମୟରେ ଠାକୁର ମାନେ ସାତ ପାହାଚରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି ଓ ଏହି ସାତ ପାହାଚରେ ହିଁ ଦ୍ୱିତୀୟ ଥର ମଙ୍ଗଳ ଆଳତି ହୁଏ । ବନ୍ଦାପନା ପରେ ରଘୁଦାସ ମଠରୁ ଆସିଥିବା ଘସା ନାଗି ହୋଇ ପନ୍ତି ଖାଇ ଖାଇ ଠାକୁର ମାନେ ସ୍ନାନ ବେଦୀକୁ ବିଜେ କରନ୍ତି। ସୁଆର , ବଡୁ ଆମୁଣିଆ ପାଣି ଛିନନ୍ତି ଗରାବଡୁ ସ୍ୱର୍ଣ୍ଣ କଳସ ଧରି ସିତଳା ମାତାଙ୍କ ମନ୍ଦିର ସାମନାରେ ଥିବା ସୁବର୍ଣ୍ଣ କୂପରୁ ଜଳ ଆଣନ୍ତି । ଏହି କୂପ ସାରା ବର୍ଷ ଅବ୍ୟବହୃତ ହୋଇ ରହିଥାଏ ଓ କିମ୍ବଦନ୍ତୀ ରହିଛି ଯେ, ମା ଶିତଳାଙ୍କ ସିଂହ ଏହାକୁ ଜଗି ରହିଛି । ବର୍ଷ ସାରା ଏହି କୂପର ଜଳ ବ୍ୟବହାର ହେଉଥିବାରୁ ଏହାକୁ ମଧ୍ୟ ଅଣଚୁଠ ଜଳ ବୋଲି କୁହାଯାଏ । ଏହି ଜଳକୁ ଆଣି ତାକୁ ଅଭିମନ୍ତ୍ରିତ କରି ସେଥିରେ ୧୩ ଗୋଟି ପଦାର୍ଥ ମିଶ୍ରଣ ହୁଏ । ସେଗୁଡିକ ହେଲା ଅଷ୍ଟବନ୍ଧ, କୃଷ୍ଣ ଆଗୁର ,ଉଷିର , ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକି, ସଂଜିଷ୍ଠା, ତାମ୍ବପର୍ଣ୍ଣ, ଶୋମପର୍ଣ୍ଣ ଓ ଲୋଧା। ଏହା ପରେ ସେହି ସୁଗନ୍ଧ ଜଳରେ ପ୍ରଭୁ ମାନେ ସ୍ନାନ କରନ୍ତି। ଏହି ୧୦୮ ଗରା ରୁ ୩୩ ଗରା ପ୍ରଭୁ ବଳଭଦ୍ର, ୩୫ ଗରା ପ୍ରଭୁ ଜଗନ୍ନାଥ, ୨୨ ଗରା ମା'ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ୧୮ ଗରା ଜଳରେ ସ୍ନାନ କରନ୍ତି। ଏହା ପରେ ରଘୁଦାସ ମଠରୁ ମା'ସୁଭଦ୍ରାଙ୍କ ପାଇଁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗୀ କରାଯାଇ ଗୋପାଳ ତୀର୍ଥ ମଠ ଦ୍ୱାରା ଶ୍ରୀ ବଳଭଦ୍ର, ଶ୍ରୀ ଜଗନ୍ନାଥଙ୍କୁ ଗଜାନନ ବେଶ ଓ ସୁଦର୍ଶନଙ୍କୁ ଚକ୍ର ନାଗି କରାଯାଏ ।

ତାପରେ ପ୍ରଭୁମାନେ ପୁଣି ଗୋଟି ପହଣ୍ଡିରେ ଶ୍ରୀ ମନ୍ଦିର ଭିତରକୁ ଫେରନ୍ତି କିନ୍ତୁ ରତ୍ନ ସିଂହାସନ ଆରୋହଣ ନ କରି ଭିତର କାଠ ପାଖ ଅଣସର ପିଣ୍ଡିରେ ବିଜେ କରନ୍ତି ତାଙ୍କ ସମାନରେ ତାଟି ବାନ୍ଧି ଦିଆଯାଏ ଓ ସେଠାରେ ପଟି ଦିଅଁଙ୍କୁ ରଖି ପୂଜା କରାଯାଏ। ଏଠାରେ ଠାକୁରମାନେ ସ୍ନାନ ପୂର୍ଣ୍ଣମୀରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଜ୍ୱରରେ ପଡନ୍ତି। ଏହି ସମୟେରେ ଠାକୁର ମାନଙ୍କୁ କେବଳ ଖେଚେଡ଼ି ଭୋଗ ଲାଗି ହୁଏ । ଏହି ମନ୍ଦିର ବନ୍ଦ୍ ରହୁ ଥିବାରୁ ଭକ୍ତ ମାନେ ପୁରୀ ନିକଟରେ ଥିବା ଅଲାରନାଥଙ୍କ ଦର୍ଶନ ପାଇଁ ଚାଲି ଯାଆନ୍ତି। ସ୍ନାନ ପୂର୍ଣ୍ଣମାରେ ଠାକୁର ମାନଙ୍କ ଗଜାନନ ବେଶ ଉପରେ ଏକ ଭକ୍ତି ଭାବ ନିଦର୍ଶନ ତଥା ପ୍ରଭୁଙ୍କ ଭକ୍ତ ବତ୍ସଳର ପ୍ରମାଣ ମିଳେ। ଥରେ ମହାରାଷ୍ଟ୍ରର ଏକ ପ୍ରଭୁ ଗଣେଶଙ୍କ ଅତ୍ୟନ୍ତ ଭକ୍ତ ଶ୍ରୀ ଗଣପତି ଭଟ୍ଟ ଶ୍ରୀ କ୍ଷେତ୍ରର ମହିମା ଶୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଆସି ରତ୍ନ ସିଂହାସନରେ ତାଙ୍କର ଇଷ୍ଟ ଦେବତା ଶ୍ରୀ ଗଜାନନଙ୍କୁ ନ ଦେଖି ପ୍ରଭୁଙ୍କୁ ପରଂବ୍ରହ୍ମ ବୋଲି ଅସ୍ୱୀକାର କରି ମନ୍ଦିର ବାହାରକୁ ଚାଲି ଆସିଲେ । ତା' ପରଦିନ ପ୍ରଭୁଙ୍କ ସ୍ନାନ ଯାତ୍ରାଥିଲା ଓ ପ୍ରଭୁ ବଡ ପଣ୍ଡାଙ୍କ ନିର୍ଦ୍ଦେଶ ଦେଲେ ଯେ ସେ ଗଣପତି ଭଟ୍ଟଙ୍କୁ ଆମନ୍ତ୍ରଣ କରି ସ୍ନାନ ମଣ୍ଡପରେ ତାଙ୍କୁ ଦର୍ଶନ କରିବା ପାଇଁ। କିନ୍ତୁ ଯେତେବେଳେ ଗଣପତି ଭଟ୍ଟ ସ୍ନାନ ମଣ୍ଡପରେ ପହଞ୍ଚିଲେ ସେ ଦେଖିଲେ ଯେ ତାଙ୍କ ସମ୍ମୁଖରେ ତାଙ୍କ ଆରାଧ୍ୟ ସ୍ୱୟଂ ପ୍ରଭୁ ଗଜାନନ ସ୍ନାନ ମଣ୍ଡପରେ ଏହା ଦେଖି ସେ ସ୍ତମ୍ଭିଭୂତ ହୋଇଗଲେ ଓ ତାଙ୍କର ଅନ୍ତର ଚେତନା ଜାଗ୍ରତ ହୋଇଗଲା ସେ ନିଜକୁ ଓ ପ୍ରଭୁଙ୍କୁ ଠିକ୍ ବୁଝିପାରିଲେ । ପ୍ରଭୁ ସର୍ବଦା ଭକ୍ତର ହୃଦୟରେ ଥାଆନ୍ତି ଓ ସେ ଭକ୍ତର ଅଧୀନ । ସେହି ଦିନଠାରୁ ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ପ୍ରତି ସ୍ନାନ ପୂର୍ଣ୍ଣମାରେ ପ୍ରଭୁ ମାନଙ୍କ ଗଜାନନ ବେଶ ହୁଏ ଏହା ଏବେ ବି ଚାଲିଛି ଓ ଯୁଗ ଯୁଗ ପାଇଁ ଚାଲିଥିବ । ପ୍ରଭୁ ସର୍ବଦା ଭକ୍ତର ସେ ଗୋଟିଏ ପାଦ ପ୍ରଭୁଙ୍କ ପାଖକୁ ଆଗେଇ ଆସିଲେ ପ୍ରଭୁ ଦଶ ପାଦ ଆଗେଇ ଆସି ଭକ୍ତଙ୍କ କୋଳେଇ ନିଅନ୍ତି। ।

# ଯୋଗ ଓ ଯୋଗୀ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯



ଯେତେବେଳେ ସମଗ୍ର ବିଶ୍ୱ ସଭ୍ୟତାର ଆଲୋକରୁ ବଞ୍ଚିତ ରହିଥିଲା ସେତେବେଳେ ଭାରତରେ ଯୋଗୀ ମାନେ ଜନ୍ମ ନେଇଥିଲେ ଏବଂ ଯୋଗ ସାଧନା କରୁଥିଲେ । ଆଜି ହଜାର ହଜାର ବର୍ଷ ପରେ ମଣିଷ ସମାଜ ତାକୁ ବୁଝିଛି । ଆମେ ଆଜି ବୁଝିବା କଥା ଯେ ହଜାର ହଜାର ବର୍ଷ ପୂର୍ବରୁ ଜନ୍ମ ନେଇଥିବା ଯୋଗୀ ମାନେ ଜ୍ଞାନ ଓ ବିଜ୍ଞାନରେ କେତେ ପାରଙ୍ଗମ ଥିଲେ ?

ସ୍ୱାମୀ ବିବେକାନନ୍ଦ ଇଂରାଜିରେ ଯୋଗ ବିଷୟରେ କହିଛନ୍ତି କି "All this bringing of the mind into a higher state of vibration is included in one word yoga"

ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରତି ବର୍ଷ ଜୁନ ମାସ ୨୧ ତାରିଖରେ ପାଳନ କରାଯାଇଥାଏ । ଅନ୍ତର୍ଜାତୀୟ ଯୋଗ ଦିବସ ପୂରା ବିଶ୍ୱ ପ୍ରଥମ ଥର ଜୁନ ୨୧ ୨୦୧୫ ରେ ପାଳନ କରିଥିଲା । ଯୋଗର ଅର୍ଥ ହେଲା ମିଶ୍ରଣ । ତା ଅର୍ଥ ହେଲା ନିଜକୁ ଯୋଗ ଦ୍ୱାରା ଏକ ଉନ୍ନତ ସ୍ଥିତି ସହିତ ମିଶାଇ ଦେବା । ଭାରତ ପୁରା ବିଶ୍ୱକୁ ଯୋଗ କଣ, ଆଉ ତାର କଣ ବିଶେଷତ୍ୱ ରହିଛି ସେହି ବିଷୟରେ ଆଲୋକପାତ କରିଛି । ସ୍ୱାସ୍ଥ୍ୟ ହିଁ ସମ୍ପଦ " Health is wealth" ତେଣୁ ସ୍ୱାସ୍ଥ୍ୟର ଯତ୍ନ ସମସ୍ତେ ନେବା କଥା। ଯୋଗ କରି ଆମେ ଆମ ଶରୀରକୁ ସୁସ୍ଥ ରଖିପାରିବା । ଗତ ଦୁଇ ବର୍ଷ ହେବ କୋରୋନା ତାର କାୟା ସମଗ୍ର ବିଶ୍ୱରେ ବିସ୍ତାର କରିଥିଲା ଏବଂ ପାଞ୍ଚ ଲକ୍ଷ ଉପରେ ଲୋକ ଆମ ଦେଶରେ ନିଜ ପ୍ରାଣ ହରେଇଥିଲେ। ସେହି ସମୟରେ ଯୋଗ ଗୁରୁ ବାବା ରାମଦେବ କହିଥିଲେ ଯେ ଯୋଗ କଲେ ଆମେ କୋରୋନାକୁ ମାତ୍ ଦେଇପାରିବୁ । ଭାରତରେ କେଉଁ ପ୍ରାଚୀନ କାଳରୁ ଯୋଗ ଅଭ୍ୟାସ କରିବା ରହିଛି । ଭାରତର ପ୍ରଧାନମନ୍ତ୍ରୀ ୟୁଏନକୁ ଏକ ପ୍ରସ୍ତାବ ଦେଇଥିଲେ ଆଉ ଯୋଗକୁ ଧରି ୟୁଏନ ତରଫରୁ ଏକ ବୈଠକ କରା ଯାଇଥିଲା। ସେଥିରେ ନିଷ୍ପତି ନିଆଯାଇଥିଲା କି ଜୁନ ୨୧ ରେ ପୁରା ବିଶ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ । ଖେଳ, କୁଦ ଓ ଦୌଡ ଯେମିତି ଶରୀରକୁ ଫିଟ ରଖେ ସେହିପରି ଯୋଗର ବିଭିନ୍ନ ଆସନ କଲେ ଶରୀର ଫିଟ ରହିବ ।

ଯୋଗ କଲେ ମନୁଷ୍ୟର ଶରୀରରେ ରକ୍ତ ସଂଚାର ଠିକ ରହେ। ଆଉ ମଣିଷ ବିଭିନ୍ନ ରୋଗରୁ ମୁକ୍ତ ହୁଏ । ତେଣୁ ସମସ୍ତଙ୍କୁ ଯୋଗ କରିବା ଉଚିତ। ଶାରୀରିକ ଯୋଗ ଏକ ସୀମିତ ବିଚାର ଆମେ ଯେତେବେଳେ ଯୋଗ ବିଷୟରେ କହୁ ସେତେବେଳେ ଶରୀର ଠାରୁ ବହୁତ ଉର୍ଦ୍ଧ୍ୱରେ ଚିନ୍ତା କରୁ । ଭାରତରେ ଯେଉଁ ଯୋଗୀ ମାନେ ଜନ୍ମ ନେଇଥିଲେ ସେମାନେ ଶରୀରର ସୀମିତତା ଠାରୁ ବେଶ ଆଗକୁ ଯାଇ ବିଚାର କରୁଥିଲେ । ପାତଞ୍ଜଳି ଯୋଗରେ ଯୋଗ ବିଷୟ କୁହାଯାଇଛି କି ଯୋଗ ହେଲା ସେହା ଯାହା ଦ୍ୱାରା ଆମେ ଆମର ମନକୁ ସଞ୍ଜମ କରୁ । "ଯୋଗ ଚିତ୍ତ ବୃତି ନିରୋଧଃ" ।

ଯେତେବେଳେ ଯୋଗୀ ତାର ଚିତ୍ତ ବା ମନକୁ ନିଜ ଅଧିନସ୍ଥ କରିଦିଏ ସେତେବେଳେ ସିଏ ଏକ ସାଧାରଣ ମାନବ ହେଇ ରହିଯାଏ ନାହିଁ ବରଂ ବିଶ୍ୱ ପାଇଁ ଏକ ବରଦାନ ହୋଇଯାଏ । ବିଶ୍ୱରେ ଭିନ୍ନ ଭିନ୍ନ ସ୍ଥାନରେ ମହାପୁରୁଷ ମାନେ ଭିନ୍ନ ଭିନ୍ନ ସମୟରେ ଜନ୍ମ ନେଇଛନ୍ତି ଏବଂ ମାନବ ସମାଜକୁ ଉନ୍ନତ ଜୀବନ ଯାପନର ମାର୍ଗ ଦର୍ଶାଇଛନ୍ତି। ସେମାନଙ୍କ ଦେଖାଇଥିବା ରାସ୍ତାକୁ ଆମେ ଯେତେବେଳେ ନିଜର କରିନେବା ସେତେବେଳେ ବିଶ୍ୱ ଏକ ନିଶ୍ଚିନ୍ତ ଅଶାନ୍ତ ଅବସ୍ଥାରୁ ମୁକ୍ତି ପାଇବ । ଜୀବନ ମୁକ୍ତି ପରି ଚିନ୍ତା କେବଳ ଭାରତୀୟ ଦର୍ଶନରେ ମିଳିଥାଏ ଏବଂ ଯୋଗୀମାନେ ଗୁରୁ ଶିଷ୍ୟ ପରମ୍ପରାରେ ତାକୁ ମାନି ଚାଲିଛନ୍ତି । ଗୀତାର ୧୮ ଟି ଆଧ୍ୟାୟ ୧୮ ଟି ଯୋଗର ନାମରେ ନାମାଙ୍କିତ କରାଯାଇଛି । ଯୋଗ ଦ୍ୱାରା ମଣିଷ ନିଜ ପ୍ରାଣ ଶକ୍ତିକୁ ନିଜ ଅଧିନସ୍ଥ କରିପାରିବ । ପ୍ରାଣକୁ ଅଧିନସ୍ଥ କରି ମଣିଷ ଏକ ସୁସ୍ଥ ଜୀବନ ଯାପନ କରିପାରିବ।

ଶରୀର ପାଇଁ ଯେଉଁ ଯୋଗ କରାଯାଇଥାଏ ତାକୁ ହଟଯୋଗ କୁହାଯାଏ । ହଟଯୋଗୀ ବର୍ଷ ବର୍ଷ ସାଧନା କରି ଏହି ଯୋଗରେ ପୂର୍ଣ୍ଣତା ପାଇଥାଏ । ଏହି ଯୋଗ ଦ୍ୱାରା ହଟଯୋଗୀ ଦୀର୍ଘାୟୁ ହୋଇଥାଏ । ବିଭିନ୍ନ ଆସନ ଏବଂ ପ୍ରାଣାୟାମ କରି ସିଏ ନାଡି ଶୁଦ୍ଧିକରିଥାଏ । ଶ୍ୱେତାସ୍ୱତ ଉପନିଷଦରେ କୁହାଯାଇଛି ଯେ ଯୋଗୀ ଆସନ ଓ ପ୍ରାଣାୟମ ଦ୍ୱାରା ମନକୁ ଶୁଦ୍ଧ କରି ବ୍ରହ୍ମରେ ମନକୁ ସ୍ଥିର କରେ । ଆଜି ସମଗ୍ର ବିଶ୍ୱ ଭାରତର ଏହି ଦାନକୁ ବୁଝିପାରିଛି ତାହା ଆମ ପାଇଁ ବହୁତ ବଡ ଗୌରବର ବିଷୟ । ଯୋଗ କେଉଁ ଆଦିମ କାଳରୁ ଏଇଠି ଜନ୍ମ ନେଇଛି କିନ୍ତୁ ଆମେ ତାକୁ ନିଜର ଉପଯୋଗରେ ସେମିତି ଆଣିପାରିନାହୁଁ । ଆଜି ସମଗ୍ର ବିଶ୍ୱ ଯେତେବେଳେ ଯୋଗ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଛି ସେତେ ବେଳେ ଆମେ ତାକୁ ବୁଝୁଛୁ । ବର୍ତ୍ତମାନ ଆମ ଶିକ୍ଷା ସହିତ ଯଦି ଯୋଗକୁ ଯୋଡି ଦିଆଯାଏ ତାହେଲେ ଏକ ସୁସ୍ଥ ଭାରତର ପରିକଳ୍ପନା ଆମେ କରିପାରିବା।

ଆମ ଦେଶରେ ଯେତେ ଖର୍ଚ୍ଚ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ହେଉଛି ତାହା କମିଯାଇଥାନ୍ତା । କୁହାଯାଏ " A healthy mind lives in a healthy body" ସ୍ୱାସ୍ଥ୍ୟ ଯଦି ଠିକ ରହିଲା ତାହେଲେ ମଣିଷର ମନ ବି ଭଲ ରହିବ । ଏହି ଯୋଗ ଦିବସରେ ଆମେ ଯୋଗକୁ ନିଜ ଜୀବନରେ ସାମିଲ କରିବାପାଇଁ ଆଗେଇ ଆସିବା ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ଦାରିଦ୍ର୍ୟ-- କାରଣ ଓ ନିରାକରଣ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟତା। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି। ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିହାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷେପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୭୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେ ବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ। ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।□ଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବ। ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରିହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରି ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହାନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ । କେବଳ ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଓ ଦୁଇଟି ନିର୍ବାଚନରେ ଦାରିଦ୍ର୍ୟ ହଟାଅ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ଆଗକୁ ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ଦାରିଦ୍ର୍ୟ ଦୂରୀକରଣକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଲେ ତାହା ଯୁକ୍ତିଯୁକ୍ତ ହୁଅନ୍ତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଲେ ଅଫ



**କବିତା ମହାନ୍ତି**

ସକାଳୁ ସକାଳୁ ଘରେ ଚହଳ ପଡିଯାଇଥିଲା ପୁଅ ସମ୍ବିତର ଚାକିରିରେ ଲେ ଅଫ ହୋଇଯାଇଛି । ସମ୍ବିତର ଜେଜେମା ପଚାରୁଥିଲେ ଲଫ ପୁଣି କଣ, ଆମ ସୋମୁ ପରା ଏତେ ପାଠ ପଢିଚି, ବଡ ଚାକିରୀରେ ଅଛି ।

ମିସେସ ଦାସ କିନ୍ତୁ ଦାସ ବାବୁଙ୍କ ଉପରେ ରାଗି ନିଆଁ ବାଣ ଏମିତି କେମିତି ହେଲା ? ସମ୍ବିତ ଆମର ବିଟେକ୍ ପରେ ଏମ୍‌ବିଏ କରିଛି ପରିଶ୍ରମୀ ପିଲା, ତାର କେମିତି ଚାକିରି ଯିବ ? ତମେ ପରା ତିରିଶ ବର୍ଷ ଚାକିରି କରିଥିଲ, ଏମିତି କେବେ କ'ଣ ହୋଇଥିଲା ? ଦାସ ବାବୁ କ'ଣ ବୁଝାଇବେ !! ତାଙ୍କ ଚାକିରି କାଳ ଅଲଗା ଥିଲା । ଦରମା କମ୍ ଥିଲେ ବି ଜବ୍ ସିକ୍ୟୁରିଟି ଥିଲା । ସେ ନିଜେ ବୁଝି ବି ଅବୁଝା ହେଉଥିଲେ ।

ଆଜିକାଲିର ଚାକିରି ନିଯୁକ୍ତି ଠାରୁ ଆରମ୍ଭ କରି, ଦରମା (ପ୍ୟାକେଜ୍), ଅଫିସ୍ ଯିବାର ଓ କାମ କରିବାର ସମୟ ନିର୍ଘଣ୍ଟ, କୌଣସି ଏକ ଚାକିରିରେ ତିଷ୍ଠି ରହିବାର ଅବଧି ଇତ୍ୟାଦି ବୁଝିବା ପୁରୁଣା ଜେନେରେସନ୍‌ର ଲୋକମାନଙ୍କ ବୁଝିବା ସୀମା ବାହାରେ । ଦାସ ବାବୁ ଯଦିଓ କିଛି କିଛି ବୁଝୁଥିଲେ, ତାଙ୍କ ଧର୍ମପତ୍ନୀ ବୁଝିପାରୁନଥିଲେ ଓ ବୁଝିବାକୁ ଚେଷ୍ଟା ମଧ କରୁନଥିଲେ । ସକାଳୁ ଫଁ ଫଁ ହେଉଛନ୍ତି ପୁଅର ଚାକିରି ଚାଲିଯିବା କଥା ଶୁଣି । ତାଙ୍କ ଦୁଃଖଟା ପୁଅର ଚାକିରି ଚାଲିଯିବା ପାଇଁ ଯେତିକି ନୁହେଁ, ତାଠାରୁ ଅଧିକ ହେଲା ସେ ତାଙ୍କ ମର୍ଣ୍ଣିଂୱାକ୍ ସାଙ୍ଗ ମାନଙ୍କୁ କ'ଣ କହିବେ ! କିଟି ପାର୍ଟିର ଲେଡିଜ୍ ମାନଙ୍କୁ କି ଉତ୍ତର ଦେବେ !

କଥା ହେଲା କି ପୁଅ ଯେତେବେଳେ ସଫ୍ଟୱେର ପାସ୍ କରି ଏମବିଏ ପଢା ଶେଷ କରି ଚାକିରି ପାଇଲା, ସେ ଖୁସିରେ ମିଠା ବାଣ୍ଟିଥିଲେ । ପୁଣି କିଛି ଦିନ ପରେ ପୁଅ ତାଙ୍କର ଆହୁରି ବଡ କମ୍ପାନୀକୁ ଅଧିକ ପ୍ୟାକେଜ୍‌ରେ ଯାଇଥିଲା । ସେସବୁ ମଧ ସେ ବୁଝି ପାରିଥିଲେ । ପାଦ ତାଙ୍କର ତଳେ ଲାଗୁନଥିଲା । ସକାଳୁ ସକାଳୁ ମର୍ଣ୍ଣିଂୱାକ୍ ସାଙ୍ଗ ମାନଙ୍କୁ ଡାକି ଡାକି ତାଙ୍କ ଖୁସି ବାଣ୍ଟିଥିଲେ । କହି ବୁଲୁଥିଲେ ପୁଅ ତ ଏବେ ହାଇ ପ୍ୟାକେଜ୍‌ରେ ନାମୀ କମ୍ପାନୀରେ ଅଛି, କେତେବେଳେ ଫରେନ୍ ଚାଲିଯିବ ତା ଆଗରୁ ତା'ର ବହାଘର କରିଦେଲେ ସେ ଫ୍ରି ହୋଇଯିବେ ।

ତାଙ୍କ ଭାଗ୍ୟକୁ ପୁଅର ବାହାଘର ସ୍ଥିର ହୋଇଯାଇଥିଲା ଆଉ ମିସେସ୍ ଦାସ ଓଠ ଲମ୍ବେଇ କହି ଚାଲିଥିଲେ ଝିଅ ବି ସଫ୍ଟୱେରରେ ଅଛି, ବାଙ୍ଗାଲୋରରେ ପୋଷ୍ଟିଙ୍ଗ । ଦୁଇ ଜଣକର ବାଙ୍ଗାଲୋରରେ ଚାକିରି । ବହୁତ ଭଲ କଥା । ଝିଅର ଫରେନ୍ ଯିବାର ଅଛି । ପୁଅର ବି ଚାନ୍ସ ଅଛି ଫରେନ୍ ପ୍ରୋଜେକ୍ଟ ପାଇଁ । ଦୁଇ ଜଣ ଏକାଠି ବାହାରକୁ ଚାଲିଗଲେ ଭଲ । ମିସେସ୍ ଦାସଙ୍କ ବାନ୍ଧବୀମାନେ କହୁଥିଲେ ଆପଣ ଭାରି ଲକି, କେମିତି ଏ ପ୍ରସ୍ତାବ ପାଇଲେ ? ମିସେସ୍ ଦାସ କହୁଥିଲେ ମାଟ୍ରିମୋନି ସାଇଟ୍‌ରେ ସେମାନେ ଚିହ୍ନା ଜଣା ହୋଇଛନ୍ତି । ଛ ମାସ ହେଲା ମିଳା ମିଶା (ଡେଟିଙ୍ଗ) କରୁଛନ୍ତି । ଦୁଇ ପରିବାର ସମ୍ମତିରେ ରିଙ୍ଗ ସେରିମନି କରିଦେବୁ ।

ସତକୁ ସତ ରିଙ୍ଗ ଏକ୍ସଚେଞ୍ଜ ହୋଇଗଲା । ମିସେସ୍ ଦାସ ନିଜକୁ ମଡର୍ଣ୍ଣ ହିସାବରେ ଗଣତି କରୁଥିଲେ । କାରଣ ତାଙ୍କ ପୁଅ ଓ ଭାବି ବୋହୂ ପ୍ରି ୱେଡିଂ ସୁଟ୍‌ରେ ବ୍ୟସ୍ତଥିଲେ । ତା ପୁଣି ଓଡ଼ିଶାରେ ନୁହେଁ କି ବାଙ୍ଗାଲୋର ଚାକିରି ଜାଗାରେ ନୁହେଁ । ଡେଷ୍ଟିନେସନ୍ ପ୍ରି ୱେଡିଙ୍ଗ ଫଟୋ ସୁଟ୍ । ଦାସ ବାବୁଙ୍କର ଟିକିଏ ରକ୍ଷଣଶୀଳ ଚିନ୍ତାଧାରା । ହେଲେ ସେ ମା' ପୁଅଙ୍କର ଏ ପ୍ରକାର ଅତ୍ୟାଧୁନିକ ରହଣି ସହଣୀକୁ ପ୍ରତିରୋଧ କରିପାରୁନଥିଲେ । ମିସେସ୍ ଦାସ କହୁଥିଲେ ତମେ ଗୋଟେ ମରଘଟିଆ ଲୋକ, ଆଜିକାଲିର କଲ୍‌ଚର୍ ଶିଖୁନା । ସେ ଅମୁକ ମାଡ଼ାମ୍‌ଙ୍କ ପୁଅର ଏମିତି ୱେଡିଙ୍ଗ ସେଲିବ୍ରେସନ୍ ହୋଇଥିଲା, ଆମର ବି ହେବ । ପୁଅ ତ ସବୁ ଖର୍ଚ୍ଚ କରୁଛି, ତମେ କାହିଁକି ବ୍ୟସ୍ତ ହେଉଛ । ଏମିତି ସବୁ ଚାଲିଥିବା ସମୟରେ ହଠାତ୍ ସକାଳୁ ସକାଳୁ ଲେ ଅଫର ଖବର ପୁରା ପରିବାରକୁ ହଲାଇ ଦେଇଥିଲା । ଖବରକାଗଜ ଠାରୁ ଟିଭି ନିଉଜ୍‌ରେ ମଧ ବଡ ବଡ କମ୍ପାନୀର ଲେ ଅଫର ଚର୍ଚ୍ଚା । କିଏ ଜାଣିଥିଲା ସେଥିରେ ସମ୍ବିତ ଆସିଯିବ !!

ଦାସ ବାବୁ କିନ୍ତୁ ଅନ୍ୟ ଚିନ୍ତାରେ ବୁଡି ରହିଥିଲେ । ପୁଅର ବାହାଘର ତାରିଖ ସ୍ଥିର ହୋଇଛି । ଆଗକୁ ମାତ୍ର ଦୁଇ ମାସ । ପୁଅର ଲେ ଅଫ କଥା ଶୁଣି ଝିଅ ଘର କେତେ ଦୂର ଗ୍ରହଣ କରିବେ !! ସେ କେମିତି ଏ ଖବର ଦେବେ ! ପୁଅର ବି ଡିପ୍ରେସନ୍ ଆସିଯାଇଥିଲା । ଅଚାନକ୍ ଏମିତି ଲେ ଅଫ କମ୍ପାନୀର ୨୦% କର୍ମଚାରୀଙ୍କୁ ଚାକିରୀରୁ ବିଦା କରି ଦେଇଛନ୍ତି । ସେ ପୁଣି ଚାରି ଧାଡ଼ିର ଇ-ମେଲରେ । ନିଜକୁ ସେ ମାନସିକ ସ୍ତରରେ ପ୍ରସ୍ତୁତ କରୁଥିଲା । କେମିତି ଆଉ ଏକ ଚାକିରି ପାଇବ । ନିଜ ଆଶା ଅନୁଯାୟୀ ପାଇବ କି ନାହିଁ ସନ୍ଦେହ ! ବାହାଘର ମାତ୍ର ଦୁଇ ମାସ ଅଛି, ଭାବି ପତ୍ନୀ ଲିସାକୁ କେମିତି ଏ କଥା ଜଣାଇବ !! ମିସେସ୍ ଦାସଙ୍କ ଚିନ୍ତା ଅଲଗା ପ୍ରକାର ଥିଲା । ସେ କହୁଥିଲେ ଝିଅ ଘରକୁ ଏ ଖବର ଦେବା ଦରକାର ନାହିଁ । ଦୁଇ ମାସ ହାତରେ ସମୟ ଅଛି, କିଛି ନା କିଛି ଚାକିରି ସମ୍ବିତ୍‌କୁ ମିଳିଯିବ ।

ତାଙ୍କର ବଡ ଦୁଃଖ ଥିଲା ସେ ତାଙ୍କ ମର୍ଣ୍ଣିଂୱାକ୍ ଗ୍ରୁପ୍‌ରେ କ'ଣ କହିବେ !! ଏତେ ବଡ ଆୟୋଜନର ବାହାଘର କ'ଣ ହେବ !! ସବୁ ଅନିଶ୍ଚିତତା ଭିତରେ ତାଙ୍କ ମୁହଁ ଶୁଖିଯାଇଥିଲା । ଭାବୁଥିଲେ ମିଛରେ କହିବେ ଯେ ବାହାଘର ଏବେ ହୋଇପାରୁନି, କାରଣ ସମ୍ବିତ ଆମେରିକା ଚାଲିଗଲା । ଏମିତି ଅନ୍ୟମନସ୍କ ହୋଇ ଦୁଇ ଦିନ ବିତିଗଲା । ସେଇ ଦୁଃଖରେ ମର୍ଣ୍ଣିଂୱାକ ଯିବା ବନ୍ଦ କରିଦେଇଥିଲେ ସେ ।

ଏଇ ସବୁ ଚିନ୍ତାର ଅବସାନ ଘଟିଲା, ଯେତେବେଳେ ଦୁଇ ଦିନ ପରେ ଅଚାନକ ବ୍ଲୁ ଡ଼ାର୍ଟ କୋରିୟର ଘରେ ପହଞ୍ଚିଲା ଓ ସମସ୍ତେ ଡରି ଡରି ପ୍ୟାକେଟ୍‌ଟି ଖୋଲିଲା ବେଳକୁ ସେଥିରେ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ ଓ ଦୁଇ ଧାଡ଼ିର ଚିଠି ଲେଖା ଅଛି ସମ୍ବିତ, ମୁଁ ତୁମକୁ କିଛି ବ୍ଲେମ୍ କରୁନି, ଆମ ସମ୍ପର୍କ ଏତିକି ଦିନ ପାଇଁ ଥିଲା । ମୋର ଫରେନ୍ ପ୍ରୋଜେକ୍ଟ ଆସିଛି, ମୁଁ ଜର୍ମାନ ଯାଉଛି । ମୋତେ ମୋର କ୍ୟାରିୟର ଦେଖିବାକୁ ହେବ । ବାଏ ,

(ଲିସା)

*ଶୈଳନିବାସ,ବମିଖାଲ,ଭୁବନେଶ୍ୱର*
*ମୋ- ୯୯୩୭୩୪୮୨୫୦*

## ପାଇଛୁ... ପଢ଼ିଛୁ...

### ଗୋପବନ୍ଧୁ ଦାସ..ଶିକ୍ଷାବିଚାର




କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହଙ୍କ ଦ୍ୱାରା ସଂକଳିତ ପୁସ୍ତକ 'ଗୋପବନ୍ଧୁ ଦାସ..ଶିକ୍ଷାବିଚାର' ପୁସ୍ତକ ପ୍ରକାଶ ପାଇଛି । ଏହାର ପ୍ରକାଶକ କୁଳସଚିବ କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର । ୩୫୨ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ୫୦୦ ଟଙ୍କା ମାତ୍ର । ଗୋପବନ୍ଧୁ ଥିଲେ ମାନବବାଦର ଉଦ୍‌ଗାତା । ମଣିଷର ବିକାଶ ଓ ଉନ୍ନତି ପାଇଁ ତାଙ୍କର ସମଗ୍ର ଜୀବନ ସମର୍ପିତ । ମଣିଷକୁ ସେ ପ୍ରାଣଭରି ଭଲପାଉଥିଲେ । ତେଣୁ ମଣିଷଜାତିର ସମଗ୍ର ଉନ୍ନତି ପାଇଁ ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ଏହା ତାଙ୍କର ହୃଦ୍‌ବୋଧ ହୋଇଥିଲା । ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଜୀବନ ପ୍ରବାହକୁ ଜାତୀୟତାବାଦର ମହାମନ୍ତ୍ରରେ ଅଭିଷିକ୍ତ କରିବାର ଲକ୍ଷ୍ୟ ନେଇ ତାଙ୍କ ନେତୃତ୍ୱରେ ସତ୍ୟବାଦୀ ଠାରେ ଗଢିଉଠିଥିଲା 'ସତ୍ୟବାଦୀ ବନ ବିଦ୍ୟାଳୟ' । ଏହି ପୁସ୍ତକରେ ଗୋପବନ୍ଧୁଙ୍କ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଲୋଚନା କ୍ରମେ ପଢିବାକୁ ମିଳିବ । ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକମାନଙ୍କ ଲେଖନୀ ଦ୍ୱାରା ଏହି ପୁସ୍ତକ ସମୃଦ୍ଧ ହୋଇଛି । ଯେଉଁ ଲେଖକମାନଙ୍କ ଲେଖା ଏଥିରେ ସ୍ଥାନିତ ହୋଇଛି ସେମାନେ ହେଲେ-ଦାଶରଥି ଦାସ, ବୈଷ୍ଣବ ଚରଣ ସାମଲ, ନିତ୍ୟାନନ୍ଦ ନାୟକ, ଅର୍ଚ୍ଚନା ନାୟକ, ଦିଗରାଜ ବ୍ରହ୍ମା, ସଂଗ୍ରାମ ଜେନା, ବିଜୟ କୁମାର ଶତପଥୀ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଜୟାନନ୍ଦ ସିଂହ, ମଣୀନ୍ଦ୍ର କୁମାର ମେହେର, ଅରବିନ୍ଦ ରାୟ, ପ୍ରସନ୍ନ କୁମାର ସ୍ୱାଇଁ, ସଂଜିତା ମିଶ୍ର, ସଂଘମିତ୍ରା ଭଂଜ ଏବଂ ଶିଶିର ବେହେରା ପ୍ରମୁଖ । ଛାତ୍ରଛାତ୍ରୀ ଏବଂ ଗୋପବନ୍ଧୁଙ୍କ ଉପରେ ଗବେଷଣା କରୁଥିବା ଲେଖକଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଦରକାରୀ ପୁସ୍ତକ ହିସାବରେ ପରିଗଣିତ ହେବ ।

### ଦିବ୍ୟଦ୍ରଷ୍ଟା-ଭୀମ ଭୋଇ




ପ୍ରଫେସର ହରିଶ୍ଚନ୍ଦ୍ର ସାହୁଙ୍କ ସଂପାଦନାରେ ପ୍ରକାଶ ପାଇଛି ଓଡ଼ିଆ ସାହିତ୍ୟର ବିଖ୍ୟାତ କବି ଭୀମ ଭୋଇଙ୍କ ସାହିତ୍ୟ ଉପରେ ଏକ ଆଲୋଚନା ପୁସ୍ତକ ଦିବ୍ୟଦ୍ରଷ୍ଟା-ଭୀମ ଭୋଇ । ଏହି ପୁସ୍ତକରେ ମହିମା ଧର୍ମ ପ୍ରଚାର କରିଥିବା ଭୀମ ଭୋଇଙ୍କ ବାଲ୍ୟକାଳ ଏବଂ ଯୌବନ କିପରି ବିତିଥିଲା ସେହି ବିଷୟରେ ଅନାଲୋଚିତ ଅଧ୍ୟାୟ ସବୁ ରହିଛି ଯାହା ଯୁକ୍ତିଯୁକ୍ତ ଭାବେ ଏଥିରେ ପ୍ରକାଶ ପାଇଛି ପାଠକଙ୍କ ପାଇଁ । ଭୀମ ଭୋଇଙ୍କ ଉପରେ ବିଭିନ୍ନ ସମୟରେ ଲେଖିଥିବା ବିଭିନ୍ନ ଲେଖକଙ୍କ ଆଲେଖ୍ୟ ମଧ ରହିଛି । ସେମାନଙ୍କ ମଧ୍ୟରେ ରହିଛନ୍ତି ବୈଷ୍ଣବ ଚରଣ ସାମଲ, ଦେବେନ୍ଦ୍ର କୁମାର ଦାଶ, ବସନ୍ତ କୁମାର ପଣ୍ଡା, ମଧୁସୂଦନ ପତି, କେଦାର ମିଶ୍ର, ଆଦିକନ୍ଦ ସାହୁ, ସତ୍ୟାନନ୍ଦ ସ୍ୱାଇଁ, ଅଧ୍ୟାପକ ବିଶ୍ୱରଞ୍ଜନ, ହରିଶ୍ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ନନ୍ଦ, ପ୍ରଦୀପ କୁମାର ପଣ୍ଡା ଏବଂ ବିଜୟାନନ୍ଦ ସିଂହ ପ୍ରମୁଖ । ୧୮୬୬ ମସିହାରେ ମହିମା ଗୋସାଇଁଙ୍କ ଦେହାନ୍ତ ପରେ ମହିମା ଧର୍ମର ପ୍ରଚାର ଓ ପ୍ରତିଷ୍ଠାର ନେତୃତ୍ୱ ଭୀମ ଭୋଇ ନେଇଥିଲେ । ତେବେ ୧୮୭୧ ମସିହାରୁ ଭୀମ ଭୋଇଙ୍କ ଜୀବନର ନୂତନ ଦିଗନ୍ତ ଉଦ୍‌ଭାସିତ ହୋଇଥିଲା । ନିଜ ଦାର୍ଶନିକ କବିତା ମାଧ୍ୟମରେ ସେ ମହିମା ଧର୍ମର ପ୍ରଚାର ପ୍ରସାର କରିଥିଲେ । ଏହି ପୁସ୍ତକର ପ୍ରକାଶକ କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର । ୨୧୬ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ୩୬୦ଟଙ୍କା ।

### ଗପର ଗାଁ




ପ୍ରକାଶ ପାଇଛି କବି ସରୋଜିନୀ ଜେନାଙ୍କ କବିତା ସଂକଳନ ଗପର ଗାଁ । ଗପ ପରି ଲାଗୁଥିବା ଏହି ସଂକଳନରେ କବିଙ୍କ ସମୁଦାୟ ୭୩ଟି କବିତା ସ୍ଥାନ ପାଇଛି । କବିତାସବୁ ସରୋଜିନୀଙ୍କ ଅନୁଭବରୁ ସିଧା ଉତୁରିଛି ତେଣୁ ତାହା ପାଠକଙ୍କୁ ଆକ୍ରାନ୍ତ କରିବ ସନ୍ଦେହ ନାହିଁ । କବିତା ସବୁ ସୁନ୍ଦର ଏବଂ ସରଳ ହୋଇଥିବାରୁ ତାହା ପାଠକମାନଙ୍କ ବୁଝିବା ପାଇଁ ସହଜ ହେବ । ଏହି ସଂକଳନରେ ସ୍ଥାନ ପାଇଥିବା ସରୋଜିନୀଙ୍କ କିଛି ଛନ୍ଦ କବିତା ଏବଂ କିଛି ଆଧୁନିକ କବିତା ରହିଛି । ପ୍ରତିଟି କବିତା ଅତ୍ୟନ୍ତ ଭାବାବେଗ ଏବଂ କଳାକାରୀତାରେ ଭରପୁର । ତାଙ୍କ କବିତା ସବୁ ଛନ୍ଦବଦ୍ଧ ହେଲେ ମଧ ଲେଖା ଆଧୁନିକତାକୁ ସ୍ପର୍ଶ କରିଛି । ଅତ୍ୟନ୍ତ ଯତ୍ନର ସହ ସେ ଶବ୍ଦର ବ୍ୟବହାର କରିଛନ୍ତି । ଏହି ବହିରେ ସ୍ଥାନ ପାଇଥିବା ତାଙ୍କର କବିତା 'ସଉଦା'ରେ-ସବୁ ତେଲଲୁଣ ସଂସାରର ଦୁଃଖ ସବୁକୁ/ଠୁଙ୍ଗା କରି ଖାଇବା ଝାଲ ମୁଢି/ଆଉ ରାସ୍ତା କଡ଼ କୁଲଫି ବାଲାଠାରୁ ଖାଇବା/ଅରେଞ୍ଜ ଫ୍ଲେଭରର ଆଇସକ୍ରିମ । ସେହିପରି ଆଉ କେତୋଟି କବିତାର ପଂକ୍ତି ପାଠକଙ୍କ ଉଦ୍ଦେଶ୍ୟରେ-କବିତା 'ତୁମ ପାଇଁ'-କେଉଁ ଅନୁରାଗେ ମଜେଇଛ ମୋତେ/ପାରୁନାହିଁ ଜମା ବୁଝି/ମନ ମୋର ହୁଏ ଯେତିକି ଅବୁଝା/ଭାବେ ଯାଏ ସେତେ ମଜି । କବିତା 'ଅଫେଡା ଦୁଃଖ'-ତୁମକୁ ଭଲପାଏ ବୋଲି ତ /ସନ୍ଦେହ କରେ/ମୋ ପାଇଁ ତୁମ ହୃଦେ ସାଇତାଥିବା/ ଅମୂଲ୍ୟ ସମ୍ପତ୍ତିରୁ/ନେଇଯିବ ଭାଗ ଆଉ କିଏ କାଳେ । ଏହିପରି ଖୁବ୍ ସୁନ୍ଦର ଶବ୍ଦ ଗୁମ୍ଫନରେ ସଜାଇଛନ୍ତି ସରୋଜିନୀ ତାଙ୍କ କବିତା ସବୁ । ପାଠକଙ୍କୁ ଏହା ନିଶ୍ଚୟ ପସନ୍ଦ ଆସିବ । କାବ୍ୟଲୋକ ଦ୍ୱାରା ପ୍ରକାଶିତ ୧୨୮ ପୃଷ୍ଠାର ଏହି ସଂକଳନଟିର ମୂଲ୍ୟ ରହିଛି ମାତ୍ର ୧୫୦ଟଙ୍କା ।



## ଦେବସ୍ନାନ

**ପ୍ରଣୀତା ମିଶ୍ର**

ସ୍ନାନବେଦୀ ପରେ ସ୍ନାନପୂର୍ଣ୍ଣମୀରେ
କରିବ ତୁମେ ସ୍ନାହାନ
ଜଗତ ଦେବ ଅପରୂପ ବେଶ
ହେ ପ୍ରଭୁ ବିଶ୍ୱମୋହନ

ଶହେ ଆଠ ଗରା ସୁବାସିତ ଜଳେ
ପଡ଼ିବ ତୁମେ ଗାଧୋଇ
ଭକତ ନୟନୁ ଶରଧାର ବାରି
ବହିଯିବ ଧାର ହୋଇ

ଚକାଆଖି ମେଲି ଦେଖୁଥିବ ତୁମେ
ବଡଦାଣ୍ଡେ ଭକ୍ତ ମେଳି
ଆନନ୍ଦ ସାଗରେ ହଜୁଥିବେ ସର୍ବେ
ଦେଇ ଶଙ୍ଖ ହୁଳହୁଳି

ଗହଳି ଚହଳି ଲାଗି ରହିଥିବ
ଦେଖିବାକୁ ଦିବ୍ୟ ସ୍ନାନ
ଭିଜି ଯାଉଥିବ ଭକତି ଅର୍ଘ୍ୟରେ
କୋଟି କୋଟି ଜନ ମନ

ଆକାଶୁ ଝରିବ ଆନନ୍ଦର ଅଶ୍ରୁ
ହୋଇବ ତୁମେ ଶୀତଳ
ଧରିତ୍ରୀର ତାପ ହୋଇବ ଉଶ୍ୱାସ
ଆଶ୍ୱାସ ତୁମ ଶରୀର

ଗଜ ଉଦ୍ଧାରଣ ବେଶ ହେବ ତୁମେ
ଥୋଡ଼ରେ ସଜାଇ ମୁହଁ
ଦିବ୍ୟରୂପ ତୁମ ଉଠିବ ଝଲସି
ଜିଣି କୋଟିଏ ହୃଦୟ

ଯୁଗେ ଯୁଗେ ପରା ଭକତର ତୁମେ
ଲୀଳାମୟ ଜଗନ୍ନାଥ
କରୁଣା କାଣିଚେ କରିବ ଦୀନରେ
ମଥାପରେ ରଖି ହାତ ।

*ଭୁବନେଶ୍ୱର*

## ବର୍ଷା ଭିଜା ମାଟିର ବାସ୍ନା

**ସନ୍ତୋଷ କୁମାର ଅଦାବର**

ଯେବେ ମାଟି ଭିଜେ ଆଦ୍ୟ ବରଷାର
ଆଦ୍ୟ ସ୍ପର୍ଶ ଟିକେ ପାଇ
ବର୍ଷା ଭିଜା ମାଟି ବାସ୍ନା ମେଲିଦିଏ
ପ୍ରେମର ସଙ୍ଗୀତ ଗାଇ
ପ୍ରଥମ ପ୍ରେମର ପୁଲକ ଟିକକ
ଏ ବାସ୍ନା ମନେ ପକାଏ
ସ୍ମୃତିର ରାଇଜେ ସଞ୍ଚରିତ ହୋଇ
ତନୁ ମନକୁ ଭିଜାଏ
କବିର କଲମ ଚଞ୍ଚଳ କରେ ସେ
ଭାବନା ଭିଡ଼କୁ ନେଇ
ମନ ମନ୍ଥି ଘାଣ୍ଟି ଦୁର୍ଲଭ ଶବ୍ଦରେ
କବିତା ସୃଷ୍ଟି କରଇ
କୋଟି ଦେହେ ଭରି ଦିଏ ସେ ଶକତି
ଅମାପ ଆବେଗ ଦେଇ
କ୍ଷଣିକ ସମୟ ପାଇଁ ଆସି ଅତି
ଆପଣାର ହୁଏ ସେହି ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

## ସ୍ୱପ୍ନ ପ୍ରଜାପତି

**ଅଖିଳ କୁମାର ମିଶ୍ର**

ସେ ପିଛିଲା ଦିନରୁ ଆସେ କି ଏଇଲାଗେ ମତେ ଦିଶେ,
ହୃଦୟକୁ ଠିକ୍ ଜଣାପଡ଼େନି ।
ମତେ ସେ ମାଗେ, ଲମ୍ବା ଲମ୍ବା ରାତିର ହିସାବ,
ମୋ ନିରବତାର ସବୁଠୁ ସୁନ୍ଦର କ୍ଷତ,
ମୋ ଖୋଲା ପଢ଼ାବହିର ପୃଷ୍ଠା ସବୁ ସେ ଖେଳାଏ -
ବିଛାଡ଼ି ପଡ଼ିଥିବା ବିଛଣାକୁ ଚାହେଁ ।

ଭଲପାଇବା ଏକ ଫୁଲଦାଗ,
ପ୍ରଥା ଓ ବିଶ୍ୱାସରେ ଚହଲିଥାଏ,
ନକଲ ସମୟ ସେ ମାଗେ ମୋ ଖାଲି ହାତରୁ,
ପାପଲିକୁ ମୁହଁରେ ଦେଇ ସେ ସିଟି ମାରେ,
କେତେ ଧ୍ୱନି ବାଜେ, ସ୍ୱର ଆସେନାଇଁ -
ରାତିଟା ସାହୀ ଭଳି ଢଳିଯାଏ ।

ବୋଧହୁଏ ଖୁବ୍ ଚର୍ଚ୍ଚାରେ ଥିଲେ,
ସହରର ଝଙ୍କାଳିଆ ଗଛ, ଅମାନିଆ ନଦୀ,
ଭିଡ଼ରେ ହଲିଯାଉଥିବା ବ୍ରିଜ୍ ଓ
ପାଗଳ ପରି ଧାଉଁଥିବା ଗାଡ଼ି ମଟର -
ସବୁଠୁ ମିଶାଇ ଦେଲେ ଯୋଉ ଚାହାଣୀ,
ଆଜି ବି ରାଣ ଖାଏ, ପ୍ରତିବଦ୍ଧତାରେ ।

ପ୍ରେମିକର ରାସ୍ତା କେବେ ସରିଯାଏ,
କେବେ ବଦଳିଯାଏ,
କେବେ ଅଚାନକ ରହିଯାଏ ।

ଚିତ୍ରିତ ବିଛଣାରେ,
ଯିଏ ଅପେକ୍ଷା କରିଚି,
ସିଏ ମତେ ନୁହଁ,
ମୋ ସ୍ୱପ୍ନକୁ ଚାହିଁଚି ।

*ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା କାର୍ଯ୍ୟାଳୟ,*
*ଭାରତ ସରକାର, କୋରନ୍ଦା, ରାଞ୍ଚି*

## ଏମିତି ମୁହୂର୍ତ୍ତ ନ ଆସୁ କାହାର

**ଅରୁଣ କୁମାର ଦାସ**

ଜାଣେନା ଜୀବନରେ କି ଉପକାରରେ ଆସିଛି କାହାର କେତେବେଳେ
କେଉଁ ଅବସ୍ଥାରେ
ହସ ଉକୁଟେଇବାରେ ହେଇଛି ସକ୍ଷମ
କାହା ଓଠେ
ଅପସରି ଯାଇଛି ମୋର ସ୍ମୃତି କୋଷରୁ ଗୋଟି ଗୋଟି କରି
ଏକଦମ ମହାଶୂନ୍ୟର ଭଣ୍ଡାର
ବରଂ ଭୁଲି ପାରିବିନି ମୋର ପିଣ୍ଡରେ ପ୍ରାଣ ଥିବା ଯାଏ
ଅପସାରଣ କରିବା ମୋର ମାତୃ ତୁଲ୍ୟା ଭାଉଜର ହାତରୁ ସଧବାର ସନ୍ତକକୁ
ଯେଉଁ ହାତ ମୋର ପିଣ୍ଡରେ ପ୍ରାଣ ସଞ୍ଚରି ଥିଲା
ଯେଉଁ ପାଦକୁ ମୁଁ ମଥା ନୁଆଁଇ ପ୍ରଣିପାତ କରୁଥିଲି ସେ ପାଦରୁ ଖୋଲିବାକୁ ହେଲା
ଝୁଣ୍ଟିଆ
ଯେଉଁ ବାହା ଦି ଟା ମୋର ଥିଲା ସାହା
ମୋତେ ଦେଉଥିଲା ସଦା ରାହା
ଉତାରି ଥିଲି ସକଳ ମନାସର ଦଶ ଗଂଠି ଥିବା ବ୍ରତ
ଦାଉ ଦାଉ ଦିଶୁ ଥିବା ମଂଗଳ ସୂତ୍ରଟି
ବାଦ ବି ପଡି ନଥିଲା ସେଇ ନିଷ୍ଠୁର ତଥା କ୍ରୂର ପ୍ରଥାରୁ
ତାକୁ ବି ଫିଙ୍ଗି ଦେଇଥିଲି ଅତୁଠରେ
ଦିନେ ସିଧା ଚାହିଁ ନ ଥିବା ମଥାକୁ
ଚାହିଁ ବି ପାରିଲି ନାହିଁ
ଭିଜି ଯାଇଥିଲା ମୋର ତତଲା ଲୁହରେ
ଥିଲା କଣ ଯେ
ମୁଁ ଲିଭାଇବି
ଗୋଟାଇ ଗୋଟେଇ ଏକାଠି କରି
ଗୁଡେଇଲି ମୋ ଗାମୁଛାରେ
ବିସର୍ଜନ କଲି ଜଳାଶୟେ
ଭସେଇ ଦେଲି ମୋ ଭାଇର ସବୁ ସନ୍ତକଗୁଡିକୁ
ସବୁ ଦିନ ପାଇଁ
ଏମିତି ଦୁର୍ଭାଗ୍ୟ କାହାର ନ ଆସୁ
ଏତିକି ମାଗୁଣି ତୋ ରଙ୍ଗା ପୟରେ ।



*ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର*
*ମୋ- ୯୯୩୮୭୩୩୦୭୬*



## ଧରାବତରଣ

**ମଧୁମିତା ମିଶ୍ର**

ତାତିଲା କଡ଼େଇ ପରା ତାତୁଥିଲା ଧରା ବୈଶାଖ ଜ୍ୱାଳାରେ
ଢାଳିଦେଲ ତୁମ ପ୍ରେମ ବାରିଧାରା ଅଦୃଶ୍ୟ ଲୀଳା ଖେଳାରେ !!
ତୃପ୍ତ ହେଲା ଭୂମି ପାଇ ତୁମ ସ୍ପର୍ଶ ତୁମ ପ୍ରୀତିମୟ ଛୁଆଁ !
ହସି ଉଠିଲା ସେ ଯେପରି ଶିଶୁଟି ହସେ କାନ୍ଦି କୁଆଁ କୁଆଁ !!

ଉତପ୍ତ ଲାଭାରେ ଯଦି କେହି କେବେ ଢାଳେ ଅବିରତ ଜଳ
ଅନବରତ ସେ ଉଦ୍ୟମ ବଳରେ ନିଶ୍ଚେ ହୋଇବ ଶୀତଳ !!
ଦେହର ଉତ୍ତାପ କମେଇବା ପାଇଁ ଦେଇଦେଲେ ପାଣିପଟି !
ଦୂରେଇ ଯାଏ ଯେ ଜ୍ୱରର କମ୍ପନ ସତ୍ୟ ଏହା ତ ସବୁଠି !!

ଦେଖିଲ ଯେବେ ତାତୁଛି ପ୍ରେମିକା ସହି ନ ପାରେ ଦହନ
ଅଜାଡ଼ି ଦେଲ ଯେ ଛାତିଚିରା ପ୍ରେମ ଦୂରେଇ ଗଲା ଜଳନ !!
ଜଳୁଛି ଧରଣୀ ତୁମ ହୃଦରାଣୀ ଈର୍ଷା ଦ୍ୱେଷ ସ୍ୱାର୍ଥ ପାଇଁ !
ଏହି ଜଳନକୁ ଶାନ୍ତ କରିବାକୁ ବର୍ଷିବନି କି ଗୋସେଇଁ !!

ଯୁଗେ ଯୁଗେ ପ୍ରେମ ପ୍ରତିଶ୍ରୁତି ପାଇଁ ଓହ୍ଲେଇ ଆସିଛ ତୁମେ !!
ଆଜି ଧରା ଜ୍ୱାଳା କମେଇବା ପାଇଁ ଆସ ଏ ମର୍ତ୍ତ୍ୟ ଭୁବନେ !!

*ଭୁବନେଶ୍ୱର*

## ସମୁଦ୍ର

**ସଂଯୁକ୍ତା ଦାଶ**

ପ୍ରତିଥର ଦୌଡି ଯାଏ ମୁଁ
ଅସ୍ତ ବ୍ୟସ୍ତ ହୋଇ
ତୋ ଫେନିଳ ତରଙ୍ଗମାଳାରେ
ହଜାଇ ଦେବାକୁ ନିଜକୁ
ତୋ ଉଦ୍‌ବେଳନ, ମଧୁର ଗର୍ଜନ ଭିତରେ
ସମାଧିସ୍ଥ କରିବାକୁ ମୋ ନିଃଶବ୍ଦ ଚିତ୍କାର ମାନଙ୍କୁ

ଆଦିଗନ୍ତ ବ୍ୟାପ୍ତି ତୋର
ଅଶ୍ରୁରୁ ଅନ୍ତରିକ୍ଷ ଯାଏଁ ସଞ୍ଚରିଯିବାର
ନିରନ୍ତର ପ୍ରୟାସ ତୋର
ତୋଠାରେ ନିବଦ୍ଧ ସହସ୍ର ସତୃଷ୍ଣ ନୟନ
ତୋର କୋଳାଗତ ହେବା ପାଇଁ
ଉଦ୍ୟତ ଉଦ୍‌ବିଗ୍ନ ଉଚ୍ଛନ୍ନ ପ୍ରତି ମନ ପ୍ରାଣ
ତୁ କିନ୍ତୁ କି ନିର୍ବିକାର
ଜଡାଇ ଧରୁ ସଭିଙ୍କୁ ତୋ ଆର୍ଦ୍ର ଶୀତଳ ଆଲିଙ୍ଗନରେ
ମୋ ପରି ପ୍ରତ୍ୟେକେ ଭାବନ୍ତି
ତୁ ତାଙ୍କର ଗୋଟାପଣ କାୟ ମନ ବାକ୍ୟରେ

ରାତିର ଅନ୍ଧାରରେ
ଦ୍ୱିତୀୟା ଜହ୍ନର ମ୍ଳାନ ହସରେ
ଦୋଳାୟମାନ ଝାଉଁ ଗଛ ଉହାଡରୁ
ପବନର ମୃଦୁ ମଧୁର ଝଙ୍କାରରେ
ତୁ ଯେ କି ଲୋଭନୀୟ ଦିଶୁ
କେମିତି କହିବି କହ କେଉଁ ଉପମା ଅଳଙ୍କାରରେ ?

ତୋତେ ଦେଖି ଦେଖି ଆଖି ଥକେ ନାହିଁ
ଫେରିବାର ଅଛି ବୋଲି ମନେ ପଡେ ନାହିଁ
ଖୁବ ରାଗ ହୁଏ ସମୟ ଉପରେ
ଆଉ ନିଜ ଅସହାୟତା ଉପରେ
ଅମାନିଆଁ ପାଦ ପୁଣି ତୋ ଆଡକୁ ଆଗେଇ ଯାଆନ୍ତି
ଶେଷ ଆଶ୍ଳେଷରେ ତୁ ଚୁପି ଚୁପି କହିଦେଉ
ଜୀବନଟା ଆଉ କିଛି ନୁହେଁ
ଜୁଆର ଭଟ୍ଟାର କ୍ରମାନ୍ୱୟ ଖେଳ
ଏଠି କିଛି ନୁହେଁ ସ୍ଥାୟୀ ଚିରକାଳ !

*ମୋ- ୮୪୨୦୮୯୬୫୪୬*



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁନ୍, ଶନିବାର, ୨୦୨୪



## ଡେଲ୍ ଷ୍ଟେନ୍‌ଙ୍କ ଭବିଷ୍ୟ ବାଣୀ

# ସେମିରେ ପହଞ୍ଚିବେ ସାଉଥ୍ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଭାରତ ଏବଂ ଅଷ୍ଟ୍ରେଲିଆ



**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକାର ପୂର୍ବତନ ଦ୍ରୁତ ବୋଲର ଡେଲ୍ ଷ୍ଟେନ୍ ଟି-୨୦ ବିଶ୍ୱକପ୍ ୨୦୨୪କୁ ନେଇ ଭବିଷ୍ୟ ବାଣି କରିଛନ୍ତି। ଷ୍ଟେନ୍ ସେହି ଚାରି ଟିମ୍‌ଙ୍କ ନାଁ କହିଛନ୍ତି, ଯିଏ ଚଳିତ ଟି-୨୦ ବିଶ୍ୱକପର ସେମିଫାଇନାଲ ଖେଳିପାରନ୍ତି। ଉଲ୍ଲେଖଯୋଗ୍ୟ ଯେ ସୁପର-୮ ଆରମ୍ଭ ହୋଇଯାଇଛି। ସୁପର-୮ରେ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ନିଜର ପ୍ରଥମ ମ୍ୟାଚ୍ ଜିତି ସାରିଛନ୍ତି। ଦକ୍ଷିଣଆଫ୍ରିକା ୟୁଏସ୍‌କୁ ହରାଇଥିବା ବେଳେ ଇଂଲଣ୍ଡ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟରେ ହରାଇଛି। ଏହାରି ଭିତରେ ପୂର୍ବତନ ବୋଲରଙ୍କ ଭବିଷ୍ୟ ବାଣୀ ଆସିଛି।

ଦକ୍ଷିଣ ଆଫ୍ରିକାର ଏହି ମହାନ୍ ପୂର୍ବତନ ବୋଲର କହିଛନ୍ତି ଯେ, ସେମିଫାଇନାଲରେ ସାଉଥ୍ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଭାରତ ଏବଂ ଅଷ୍ଟ୍ରେଲିଆ ଟିମ୍ ପହଞ୍ଚି ପାରନ୍ତି। ଇଂଲଣ୍ଡକୁ ଶୀର୍ଷ ଚାରି ଟିମ୍‌ରେ ଷ୍ଟେନ୍ ସ୍ଥାନ ଦେଇନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ଇଂଲଣ୍ଡ ଟିମ୍ ୱେଷ୍ଟଇଣ୍ଡିଜ୍‌କୁ ସୁପର-୮ରେ ଖେଳାଯାଇଥିବା ମ୍ୟାଚ୍‌ରେ ୮ ୱିକେଟ୍‌ରେ ହରାଇଥିଲା। ଇଂଲଣ୍ଡ ଟିମ୍ ଯେପରି ଭାବେ ଧୂଆଁଧାର ବ୍ୟାଟିଂ କରିଥିଲା, ତାହା ବିଶ୍ୱ କ୍ରିକେଟ୍‌କୁ ଆଶ୍ଚର୍ଯ୍ୟ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୨୨ରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ଟିମ୍ ଚାମ୍ପିଅନ ହୋଇଥିଲା। ଇଂଲଣ୍ଡ ଟିମ୍ ୨୦୧୦ ଏବଂ ୨୦୨୨ରେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଏବଂ ଇଂଲଣ୍ଡକୁ ନେଇ ଷ୍ଟେନ୍‌ଙ୍କ ଭବିଷ୍ୟ ବାଣୀ ସତ ହେଉଛି କି ନାହିଁ ତାହା ଦେଖିବାର ଅଛି।

# ସୂର୍ଯ୍ୟକୁମାର ଲଗାତର ଚୌକା ମାରୁଥିବା ଦେଖି ରାଗିଗଲେ ରଶିଦ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ରେ ଗୁରୁବାର ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିଲା। ଟିମ ଇଣ୍ଡିଆ ସୁପର-୮ ରାଉଣ୍ଡରେ ୪୭ ରନରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚରେ ଟିମ ଇଣ୍ଡିଆ ପାଇଁ ମ୍ୟାଚ ବିଜେତା ସୂର୍ଯ୍ୟକୁମାର ଯାଦବ ପ୍ରମାଣିତ ହୋଇଥିଲେ। ଟସ ଜିତିବା ଏବଂ ପ୍ରଥମେ ବ୍ୟାଟିଂ କରିବା ପରେ ଭାରତ ୯୦ ରନ ଦେଇ ୪ଟି ୱିକେଟ ହରାଇଥିଲା। ଏହା ପରେ ସୂର୍ଯ୍ୟ ପଞ୍ଚମ ୱିକେଟ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୬୦ ରନର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ କରିଥିଲେ।

ଯେତେବେଳେ ସୂର୍ଯ୍ୟ ବ୍ୟାଟିଂ କରିବାକୁ ଆସିଥିଲେ, ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏବଂ ରିଷଭ



ପନ୍ତଙ୍କ ୱିକେଟ ହରାଇଥିଲା। ଆଫଗାନିସ୍ତାନ ଅଧିନାୟକ ତଥା ଭେଟେରାନ ସ୍ପିନର ରଶିଦ ଖାନ ଏଲବିଡବ୍ଲୁ ପରେ ପନ୍ତକୁ ପ୍ୟାଭିଲିୟନକୁ ପଠାଇଥିଲେ। ଯେତେବେଳେ ସୂର୍ଯ୍ୟକୁମାର କ୍ରିଜକୁ ଆସିଲେ, ସେ ରଶିଦଙ୍କ ବଲରୁ କିଛି ସ୍ୱିପ ସଟ ମାରିବା ସହ ରନ ସ୍କୋର କରିଥିଲେ।

ରଶିଦ ତାଙ୍କ ପାଖକୁ ଆସି ଥଟ୍ଟା କରି ତାଙ୍କ ବଲରେ ସ୍ୱିପ୍ ସଟ୍ ମାରିବାକୁ ଚେଷ୍ଟା ନ କରିବାକୁ କହିଥିଲେ।

ସୂର୍ଯ୍ୟକୁମାର ପଡ଼ିଆକୁ ଆସିବା ମାତ୍ରେ ରଶିଦଙ୍କ ବଲରେ ପ୍ରହାର କରିଥିଲେ। ଏଥିରେ ଦୁଇଟି ଚଉକା ଏବଂ ଗୋଟିଏ ଛଅ ସାମିଲ ଅଛି। ଆଇସିସି ଏହି ଘଟଣାର ଭିଡିଓ ଜାରି କରିଛି। ସୂର୍ଯ୍ୟକୁମାର ଏହା କରିବା ପରେ ରସିଦ ମଧ୍ୟ ରାଗିଯାଇଥିବାର ଦେଖାଯାଏ। ଅବଶ୍ୟ ଉଭୟ ଥଟ୍ଟାରେ କିଛି କହୁଥିବା ଦେଖାଯାଇଛି।

## ଟି-୨୦ ବିଶ୍ୱକପ୍ : ସୁପର-୮ରେ ଆଜି...

ଭାରତ ଓ ବାଂଲାଦେଶ (ସନ୍ଧ୍ୟା ୮ଟା)
ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ (ସକାଳ ୬ଟା)

# ସାମ୍ବାଦିକଙ୍କ ଉପରେ ରାଗିଗଲେ ରାହୁଲ ଦ୍ରାବିଡ଼

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ରେ ସୁପର-୮ ଆରମ୍ଭ ହୋଇଯାଇଛି। ଭାରତ-ଆଫଗାନିସ୍ତାନ ମ୍ୟାଚ୍ ବାରବାଡୋସର କେନ୍ସିଂଟନ ଓଭାଲରେ ଖେଳାଯିବା ପୂର୍ବରୁ ଦ୍ରାବିଡ଼ଙ୍କୁ ଜଣେ ସାମ୍ବାଦିକ ପ୍ରଶ୍ନ କରିଥିଲେ ଯେ, ୧୯୯୭ରେ ଖେଳୁଥିବାବେଳେ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଭାରତର ଏହି ହୃଦୟ ବିଦାରକ ପରାଜୟ ବିଷୟରେ ପ୍ରଶ୍ନ କରିବାରୁ ଦ୍ରାବିଡ଼ ରାଗିଯାଇଥିଲେ।

୧୨୧ ରନ ପଛରେ ଥିବାବେଳେ ଭାରତ ୮୧ ରନ ପାଇଁ ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସରେ ଦ୍ରାବିଡ଼ ୭୮ ରନ ସ୍କୋର କରିଥିବାବେଳେ ତେନ୍ଦୁଲକର ୯୨ ରନ ଖେଳିଥିଲେ। ପ୍ରଥମ ଇନିଂସରେ ୩୧୯ ରନ ସ୍କୋର କରି ଭାରତ ଅଗ୍ରଣୀ ହାସଲ କରିଥିଲା। ଆବେ କୁରୁଭିଲ୍ଲା ୫ଟି ଉଇକେଟ ନେଇ ଭାରତକୁ ଜିତିବାର ଏକ ବଡ଼ ସୁଯୋଗ ଦେଇଥିଲେ। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୧୪୦ ରନରେ ଅଲଆଉଟ ହୋଇଥିଲା। ତେବେ ଶେଷ ଇନିଂସରେ ଭାରତୀୟ ଦଳ ୮୧ ରନ ଅଲଆଉଟ ହୋଇଥିଲେ। ଯେତେବେଳେ ଭାରତ ବନାମ ଆଫଗାନିସ୍ତାନ ମ୍ୟାଚ ପୂର୍ବରୁ ସାମ୍ବାଦିକ ତାଙ୍କୁ ହୃଦୟ ବିଦାରକ ପରାଜୟ ବିଷୟରେ ମନେ ପକାଇଲେ ସେତେବେଳେ ଦ୍ରାବିଡ଼ ରାଗିଯାଇଥିଲେ। ଏନେଇ ଦ୍ରାବିଡ କହିଥିଲେ, ମୁଁ ବହୁତ ଶୀଘ୍ର ଆଗକୁ ବଢ଼େ। ଏହା ମୋର ଏକ ବିଶେଷତ୍ୱ। ମୁଁ ପଛକୁ ଚାହେଁ ନାହିଁ। ୧୯୯୭ରେ କ'ଣ ଘଟିଥିଲା ମୋର ଧ୍ୟାନ ନାହିଁ। ବର୍ତ୍ତମାନ କ'ଣ ଘଟିବ ମୁଁ ସେ ବିଷୟରେ ଭାବୁଛି।

# ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସ ଇନ୍‌ଡୋର ହଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର**

କଟକ ଜିଲ୍ଲା ଗୁରୁଡ଼ିଝାଟିଆସ୍ଥିତ ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସ ପରିସରରେ ଇନ୍‌ଡୋର କ୍ରିକେଟ୍ ହଲ୍ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ବୋଲିଂ ପ୍ରଶିକ୍ଷକ ଭରତ ଅରୁଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟର୍ ଭେଙ୍କଟପତି ରାଜୁ, ଭାରତୀୟ ଦଳର ପୂର୍ବତନ କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ଆର୍ ଶ୍ରୀଧର, ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସମ୍ପାଦକ ସଂଜୟ ବେହେରା, ପୂର୍ବତନ କ୍ରିକେଟର୍ ତଥା ଚୟନକର୍ତ୍ତା ଦେବାଶିଷ ମହାନ୍ତି, ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇନ୍‌ଡୋର ହଲ୍‌ରେ ୬ଟି ଅଭ୍ୟାସ ପିଚ୍ ରହିଛି, ଯେଉଁଥିରୁ ଚାରିଟି ଦ୍ରୁତ ବୋଲର୍ ଓ ଦୁଇଟି ସ୍ପିନ୍ ବୋଲରଙ୍କୁ ଖେଳିବା ପାଇଁ ଉଦ୍ଦିଷ୍ଟ। ଏହା ସମେତ ହଲ୍ ପରିସରରେ ଜିମ୍ ଓ ଖେଳାଳିଙ୍କ ଚେଞ୍ଜିଂ ରୁମ୍ ମଧ୍ୟ ରଖାଯାଇଛି। ଏହି ଇନ୍‌ଡୋର ହଲ୍ ପାଇଁ ପାଖାପାଖି ସାଢେ ୩କୋଟି ଟଙ୍କା ବିନିଯୋଗ ହୋଇଥିବା ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସୂଚନା ଦେଇଛନ୍ତି। ଏହି ସ୍ପୋର୍ଟ୍ସ ସ୍କୁଲ୍‌ରେ ଆଗକୁ ଆହୁରି ଦୁଇଟି କ୍ରିକେଟ୍ ପଡ଼ିଆ ନିର୍ମାଣ କରାଯାଉଥିବା ବେଳେ ହଷ୍ଟେଲ୍, ଗେଷ୍ଟ ହାଉସ୍, ସୁଇମିଂ ପୁଲ୍ ଇତ୍ୟାଦି ନିର୍ମାଣ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ଓଡ଼ିଶାରେ



ତୃଣମୂଳସ୍ତରର ପ୍ରତିଭାଙ୍କୁ ଆନ୍ତର୍ଜାତିକମାନର କ୍ରିକେଟର୍ ଭାବେ ଗଢ଼ି ତୋଳିବା ପାଇଁ ଭରତ ଅରୁଣ ତାଙ୍କ ପାଖରେ ଥିବା ଯୋଜନା ନେଇ କହିଛନ୍ତି ଯେ, ଓଡ଼ିଶାର ଖେଳାଳିମାନେ ଦେଶ ପାଇଁ ଖେଳନ୍ତୁ ବୋଲି ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସ୍ୱପ୍ନ ଦେଖିଛନ୍ତି। ସେଥିପାଇଁ ତୃଣମୂଳସ୍ତରୀୟ ଖେଳାଳିଙ୍କୁ କିପରି ଆନ୍ତର୍ଜାତିକସ୍ତରର ପ୍ରଶିକ୍ଷଣ ଦେଇ ପାରିବୁ ସେ ଯୋଜନା କରିଛୁ। ପୂର୍ବତନ କ୍ରିକେଟର୍ ରବି ଶାସ୍ତ୍ରୀଙ୍କ ସହିତ ମୁଁ ଓ କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ଆର୍. ଶ୍ରୀଧର ବିଭିନ୍ନ ପର୍ଯ୍ୟାୟରେ ଆସି ଏଠାରେ ପ୍ରଶିକ୍ଷଣ ଓ ପରାମର୍ଶ ଦେବୁ।

# ଏମ୍‌ଭି ୭୯ ଜୟ ଜଗନ୍ନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଏମ୍‌ଭି ୭୯ ହାଇସ୍କୁଲ ଖେଳ ପଡ଼ିଆ ଠାରେ ୪ ଦିନ ଧରି ଚାଲିଥିବା ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଭାଗ ନେଇଥିବା ବେଳେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ପେଣ୍ଟୁଲବାଇ ଓ ଲାଛିପେଟା କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପେଣ୍ଟୁଲବାଇ ଦଳ ବିଜୟୀ ହୋଇଥିବାବେଳେ ଲାଛିପେଟା ଦଳ ଉପବିଜେତା ହୋଇଛି। ବିଜେତା ଦଳକୁ ଗ୍ରାମର ବୁଦ୍ଧିଜୀବୀ ଦୀପକ୍ ଦତ୍ତ ଚାମ୍ପିଅନ୍ ଟ୍ରଫି ଶହ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିବାବେଳେ ଉପବିଜେତା ଦଳର ଅଧିନାୟକଙ୍କୁ ଏମ୍‌ଭି ୭୯ ସାବେରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଶାବରୀ କ୍ରିକେଟ କ୍ଲବ୍ ଯୁବକ ସଂଘର ସଞ୍ଜୀବ ହାଲଦର, ମାନସ ରଞ୍ଜନ ଜେନା, ସୁଜୟ ହାଲଦାର, ରାଜୀବ ମଣ୍ଡଳ, ଗୋବିନ୍ଦ ସର, ବିଟୁ ବିଶ୍ୱାସ, ଆକାଶ ହିଆଲ, ପିଣ୍ଟୁ ବିଶ୍ୱାସ, ଇସଲାଭାତ୍ ସୁଧାକର ଏବଂ ଏମ୍‌ଭି ୭୯ ଶାବରୀ କ୍ରିକେଟ କ୍ଲବ୍‌ର ସମସ୍ତ ଖେଳାଳି ସହ ଯୋଗରେ ଶୃଙ୍ଖଳିତ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।

# ଚେତନା ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଓ ସଙ୍ଗୀତ ଦିବସ ପାଳନ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଚେତନା ଅନୁଷ୍ଠାନ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗ ଗୁରୁ ଦୀପକ କୁମାର ଗିରି ମୁଖ୍ୟଅତିଥି ଏବଂ ଦିବ୍ୟାଙ୍ଗ ଯୋଗଗୁରୁ ଆଦିତ୍ୟ ମହାନ୍ତି ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇ ଯୋଗ ଦିବସ ଉପକାରିତା ସମ୍ପର୍କରେ ସବିଶେଷ ବକ୍ତବ୍ୟ ରଖିବା ସହ ବିଭିନ୍ନ ପ୍ରକାର ଯୋଗ, ପ୍ରାଣାୟାମର ମାର୍ଗଦର୍ଶନ କରିବା ସହ ଯୋଗ ପ୍ରାଣାୟାମ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଓଆରଫର ପ୍ରୋଗ୍ରାମ ମ୍ୟାନେଜର ସାଗରିକା ଚଇନି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ଗବେଷଣାରତ ଶିକ୍ଷୟିତ୍ରୀମାନେ, ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇ ଯୋଗ ଦିବସର ମହତ୍ୱ ଏବଂ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତିର ଶାରରିକ, ମାନସିକ ଶକ୍ତି ଓ ଆଧାତ୍ମିକ ଚେତନାର ବୃଦ୍ଧି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଶୀ ପ୍ରାଧ୍ୟାପକ ଡ଼ଃ ପ୍ରଦୀପ କୁମାର ଦାସ ସଙ୍ଗୀତର ଉପକାରିତା ଉପରେ ଅନେକ ଉଦାହରଣ ସହ ବକ୍ତବ୍ୟ ରଖିଥିଲେ। ଏହାପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚେତନା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଚେତନା ମହାବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷା ବିଭାଗୀୟ ମୁଖ୍ୟ ଡଃ ଭାଗିରଥୀ ମହାପାତ୍ର ପରିଚାଳନା କରିଥିଲେ। ପରିଶେଷରେ ଚେତନା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

## ବାଚସ୍ପତି ସୁରମା ପାଢୀଙ୍କୁ ଶୁଭେଚ୍ଛା ଜଣାଇଲେ ସାଂସଦ ବୈଜୟନ୍ତ ପଣ୍ଡା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପ ସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବିଧାନସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସୁରମା ପାଢୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ରୂପେ ନିର୍ବାଚିତ ହୋଇଥିବା ଆମ ଦଳର ବରିଷ୍ଠ ନେତ୍ରୀ ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର ଦୀର୍ଘ ବର୍ଷର ରାଜନୈତିକ ଅଭିଜ୍ଞତା ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀର ଶୋଭାମଣ୍ଡନ କରିବ। ଏକ ସଫଳ ଓ ଫଳପ୍ରଦ କାର୍ଯ୍ୟକାଳ ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଛେଳି ମଡ଼କ : ପ୍ରାଣୀ ଚିକିତ୍ସାଧିକାରୀଙ୍କ ତଦନ୍ତ ଆରମ୍ଭ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଚରିବାକୁ ଯାଇଥିଲେ, ସଂଜକୁ ଘରକୁ ଫେରିଲେ ଓ ହଠାତ୍ ଟଳି ପଡ଼ିଲେ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖଡ଼ିଆଳ ବ୍ଲକ ଅରେଡା ଗ୍ରାମପଞ୍ଚାୟତର ମୁହୂରା ଗ୍ରାମରେ। ଗତକାଲି ଗାଆଁର ପୁରୁଷୋତମ ଷଣ୍ଢଙ୍କ ୨୯ଟି ଛେଳି ଚରିବାକୁ ଯାଇଥିଲେ। ଗାଁର ଅନ୍ୟମାନଙ୍କ ସହ ସବୁ ଛେଳି ଚରିଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ହଠାତ୍ ଗୋଟିଏ ପରେ ଗୋଟିଏ ଛେଳି ତଳେ ଗଡି ପଡ଼ିଲେ। ପରିବାର ଲୋକେ ଦେଖିଲା ବେଳକୁ ୧୪ଟି ଛେଳି ମରି ଯାଇଛନ୍ତି। କୌଣସି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ନ ଦେଖାଇ ଏତେ ଛେଳି ମରିଯିବା ପରିବାର ଲୋକଙ୍କୁ ହତଚକିତ କରି ପକାଇଛି। ପରିବାର ଲୋକଙ୍କ କହିବା ଅନୁସାରେ, ସବୁ ଛେଳି ସୁସ୍ଥ ଥିଲେ ଓ କାଲି ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ଗାଁ ର ସବୁ ଛେଳି ଗାଇଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିଲା। ପରେ ପୁରୁଷୋତମଙ୍କ କାକି ରସତୁଲ୍ଲା ଷଣ୍ଢ ଅନ୍ୟମାନଙ୍କ ସହ ଛେଳି ଚରାଇବାକୁ ନେଇଥିଲେ। ସବୁ ଛେଳି, ଗାଈ ଚରିବା ସମୟରେ ସ୍ୱାଭାବିକ ଅବସ୍ଥାରେ ଥିଲେ। କିନ୍ତୁ, ଘରକୁ ଆସିଲା ପରେ ହଠାତ୍ ଚଉଦଟି ଛେଳି ମରି ଯାଇଥିଲେ। ପୁରୁଷୋତମ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଓ ଏତେ ଛେଳି ମରିଯିବା ପରେ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ି ଯାଇଛି। ସବୁ ମୃତ ଛେଳିର ହିସାବ ତିନି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ହିସାବ କରାଯାଉଛି। ସେହିପରି ପୁରୁଷୋତ୍ତମଙ୍କ କାକା ମୁକୁନ୍ଦଙ୍କ ପଟେ ବଳଦ ମଧ୍ୟ ସେହି ସମୟରେ ହଠାତ୍ ମରି ଯାଇଛି। କିଛି ଦିନ ତଳେ ସେ ଚାଳିଶି ହଜାର ଟଙ୍କା ଦେଇ ଏକ ଯୋଡ଼ି ବଳଦ କିଣି ଥିବା ବେଳେ ପଟେ ବଳଦ ମରିଯିବା ପରେ ସେ ଅସହାୟ ହୋଇ ପଡିଛନ୍ତି। ଏବେ ଚାଷ ସମୟ ଆସିଥିବା ବେଳେ କେମିତି ଚାଷ କାର୍ଯ୍ୟ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଉଭୟେ ସରକାରୀ ସହଯୋଗ ପାଇଁ ନିବେଦନ କରିଛନ୍ତି। ଏନେଇ ପୁରୁଷୋତ୍ତମ ଖଡ଼ିଆଳ ପୁଲିସରେ ଅଭିଯୋଗ କରିବା ସହ ଜିଲ୍ଲା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଜଣାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ ସେଠଙ୍କ ନେତୃତ୍ୱରେ ଏଡିଭିଓ ଡି.ସି. ବାଲକୃଷ୍ଣ ଦ୍ୱିବେଦୀ, ବିଭିଓ ଖଡ଼ିଆଳ ସଂଗ୍ରାମ କେଶରୀ ବେହେରା, ଭିଟିଖୀ ପିତାମ୍ବର ଧରୁଆ, ଭିଟି ବାଦି ରମେଶ ଚନ୍ଦ୍ର ପାଣିଗ୍ରାହୀ, କମଳ ଲୋଚନ ମାଝୀ, ନୀଳାମ୍ବର ସୁନା ଓ ଦୁର୍ଯ୍ୟୋଧନ ରଣା ଆସି ତଦନ୍ତ କରିଛନ୍ତି। ସବୁ ପ୍ରାଣୀଙ୍କ ପୋଷ୍ଟମର୍ଟମ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ଓ ଏହି ପରିବାରକୁ ସହାୟତା ପାଇଁ ସରକାରଙ୍କୁ ଜଣାଇବେ ବୋଲି ଶ୍ରୀ ସେଠ କହିଛନ୍ତି।

# ସମୁଦ୍ରରେ ବୁଡି ଯୁବକ ନିଖୋଜ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଛତ୍ରପୁର ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ବୁଡି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ନିଖୋଜ ଯୁବକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ହେମନସେନ ବେହେରା। ୨୨ ବର୍ଷୀୟ ହେମନସେନ ବୁଧବାର ଅପରାହ୍ନରେ ନିଜର ୪ରୁ ୫ ଜଣ ବନ୍ଧୁଙ୍କ ସହ ସମୁଦ୍ରକୁ ଗାଧୋଇବାକୁ ଆସିଥିବା ବେଳେ ଅସାବଧାନତାବଶତଃ ଭାସି ଯାଇ ନିଖୋଜ ଅଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଘଟଣାସ୍ଥଳରେ ଛତ୍ରପୁର ଏସଡିପିଓ, ଆର୍ଯ୍ୟପଲ୍ଲୀ ଥାନା ପୁଲିସ ଉପସ୍ଥିତ ଅଛନ୍ତି। ହେମନସେନଙ୍କୁ ଖୋଜିବାକୁ ସମୁଦ୍ର ଉପରେ କୋଷ୍ଟଗାର୍ଡ ହେଲିକପ୍ଟର ମଧ୍ୟ ପଇଁତରା ମାରୁଛି। ହେଲେ ଅଦ୍ୟାବଧି ହେମନସେନଙ୍କ ପତା ମିଳି ପାରିନି। ଅନ୍ୟପକ୍ଷରେ ପୁଅକୁ ନ ପାଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି।

# ନିର୍ମାଣ ହେବ ୫୦ ହଜାର କିମିର ଏକ୍ସପ୍ରେସ୍ ୱେ

**ନୂଆଦିଲ୍ଲୀ**

ଜାତୀୟ ରାଜପଥ ପରେ ବର୍ତ୍ତମାନ କେନ୍ଦ୍ର ସରକାର ଏକ୍ସପ୍ରେସ ୱେ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ସରକାରଙ୍କ ଯୋଜନା ହେଉଛି ଦେଶରେ ପାଖାପାଖି ୫୦ ହଜାର କିମି ଆକ୍ସେସ କଣ୍ଟ୍ରୋଲ ଏକ୍ସପ୍ରେସ ୱେ ନିର୍ମାଣ କରିବା। ଏହି କାମକୁ ଶୀଘ୍ର କରିବା ପାଇଁ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସହ ଆଉ ଏକ ଏଜେନ୍ସି ବା କର୍ତ୍ତୃପକ୍ଷଙ୍କର ଆବଶ୍ୟକତା ରହିଛି। ଏହି ଏଜେନ୍ସି କେବଳ ଏକ୍ସପ୍ରେସ ୱେର ନିୟନ୍ତ୍ରଣ କରିବେ। ରିପୋର୍ଟ ମୁତାବକ, ଏକ୍ସପ୍ରେସ ୱେର ବିକାଶ ପାଇଁ ଏନ୍‌ଏଚ୍‌ଏଆଇ ବ୍ୟତୀତ ଅନ୍ୟ ଏକ ଏଜେନ୍ସିଙ୍କ ଆବଶ୍ୟକତା ପାଇଁ ଅନୁଭବ କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରାଳୟ ନିଜ ୧୦୦ ଦିନର ଏଜେଣ୍ଡାରେ ଏଭଳି ଏକ ଏଜେନ୍ସି ବା କର୍ତ୍ତୃପକ୍ଷ ଗଠନ ବିଚାରକୁ ସାମିଲ କରିଛି। ନୂଆ ଏଜେନ୍ସି ଦେଶରେ କେବଳ ଏକ୍ସପ୍ରେସୱେ ନିର୍ମାଣ କରିବା ଏବଂ ଏହାର ପରିଚାଳନା ପ୍ରତି ଧ୍ୟାନ ଦେବ। ଏଥିରେ ଏନଏଚଆଇର ବୋଝ ମଧ୍ୟ କମ୍ ହେବ। ରିପୋର୍ଟ ଅନୁଯାୟୀ, ସରକାର ଚାହୁଁଛନ୍ତି ଯେ ଏନ୍‌ଏଚ୍‌ଆଇ କେବଳ ଜାତୀୟ ରାଜପଥର ନିର୍ମାଣ ଉପରେ ଧ୍ୟାନ ଦେଉ। ଏକ୍ସପ୍ରେସୱେ କର୍ତ୍ତୃପକ୍ଷ ନିର୍ମାଣ ସହ ଟୋଲର ପରିଚାଳନା ମଧ୍ୟ କରିବ। ଏଥିରେ ଏକ୍ସପ୍ରେସୱେର ଭିତ୍ତିଭୂମି ମଧ୍ୟ ସୁଦୃଢ଼ ହେବ। ସରକାର ୨୦୪୭ ପାଇଁ ଆବଶ୍ୟକତା ହିସାବରେ ଦେଶରେ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ ୱେର ନିର୍ମାଣ ଉପରେ ଜୋର ଦେଉଛି। ଏଥିପାଇଁ ମାଷ୍ଟରପ୍ଲାନ ମଧ୍ୟ ପ୍ରସ୍ତୁତ



କରାଯାଇଛି। ଏଥିସହ ଦେଶରେ ହାରାହାରି ୫୦ ହଜାର କିମି ଏକ୍ସପ୍ରେସ ନିର୍ମାଣ କରାଯିବ। ବର୍ତ୍ତମାନ ଦେଶରେ ୨୯୧୩ କିମି ଏକ୍ସପ୍ରେସୱେ ରହିଛି। ସରକାରଙ୍କ ବିଶ୍ୱାସ ରହିଛି ଯେ, ଏକ୍ସପ୍ରେସୱେ ଏବଂ ନୂଆ ଜାତୀୟ ରାଜପଥ ସାହାଯ୍ୟରେ ଲଜିଷ୍ଟିକ ଖର୍ଚ୍ଚ ୩ ରୁ ୪ ପ୍ରତିଶତ ହ୍ରାସ ହୋଇପାରିବ।

## ମାମୁ ପୁଅକୁ କୁରାଢ଼ିରେ ହାଣି ହତ୍ୟା

**ମହୁଲଡିହା, ନ୍ୟୁଜ୍‌ବ୍ୟୁରୋ**

ମାମୁ ପୁଅକୁ କୁରାଢ଼ିରେ ହାଣି ହତ୍ୟା କରିଛି ଦୁର୍ବୃତ୍ତ। ଠାକୁରମୁଣ୍ଡା ଥାନା ହାଣ୍ଡିଫୁଟା ଗ୍ରାମରେ ଗୁରୁବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନୀଳାଞ୍ଚଳ ମୁନା (୩୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ପରମିଲ ପେରାକୁ ପୁଲିସ୍ ଗିରଫ କରିଛି। ସୂଚନାଯୋଗ୍ୟ, ହାଣ୍ଡିଫୁଟା ଗ୍ରାମର ମୁରଲୀ ଗିରିଙ୍କ ଝିଅ ଚେନ୍ନାଇରେ କାମ କରିବା ସମୟରେ ୭ ବର୍ଷ ତଳେ ଅନିଲ ପେରା (୨୬)ଙ୍କୁ ବିବାହ କରିଥିଲେ। ତାଙ୍କର ଏବେ ଦୁଇଟି ସନ୍ତାନ ଅଛନ୍ତି। କିଛି ଦିନ ତଳେ ରଜ ପର୍ବ ପାଇଁ ଅନିଲ ନିଜ ସାନ ଭାଇ ପରମିଲ ପେରା ଓ ମାମୁ ପୁଅ ନୀଳାଞ୍ଚଳ ମୁନା (୩୫)କୁ ନେଇ ହାଣ୍ଡିଫୁଟାକୁ ଆସିଥିଲେ। ଗୁରୁବାର ଅପରାହ୍ନରେ ନୀଳାଞ୍ଚଳ ଘରେ ଶୋଇ ମୋବାଇଲ ଦେଖୁଥିବା ବେଳେ ପରମିଲ ଏକ କୁରାଢ଼ିରେ ତାଙ୍କ ବେକକୁ ହାଣିଦେଇଥିଲା। ଏଥିରେ ନୀଳାଞ୍ଚଳର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବୌଦ୍ଧ ଜିଲ୍ଲା ଚମ୍ପାମାଳ ଗ୍ରାମର ବିଶ୍ୱମ୍ଭର ପେରାଙ୍କ ପୁଅ ନୀଳାଞ୍ଚଳ ଅବିବାହିତ ବୋଲି ଜଣାପଡ଼ିଛି।

# ଅର୍ଥ ହଡ଼ପ ଘଟଣା : ଶେଷରେ ଭଙ୍ଗାଗଲା ଡାକଘର ତାଲା

**ରାଜନଗର, ନ୍ୟୁଜ୍‌ବ୍ୟୁରୋ**

କୃଷ୍ଣନଗର ପୋଷ୍ଟ ଅଫିସ୍‌ରେ ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣାରେ ଡାକ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦୀର୍ଘ ୧୩ ଦିନ ପରେ ବନ୍ଦ ଥିବା ଏହି ଡାକଘରର ତାଲା ଭଙ୍ଗାଯାଇଛି। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ କେନ୍ଦ୍ରପଡ଼ା ଡାକ ବିଭାଗର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ବିଜୟ ପ୍ରଧାନ ଓ ଓଭରସିଅର ରଜନୀକାନ୍ତ ରାଉତ ତାଲା ଭାଙ୍ଗିଥିଲେ। ଏହି ଡାକଘର ପୋଷ୍ଟମାଷ୍ଟର ଦୀପଙ୍କର ଦାସଙ୍କ ଘରେ ଚାଲିଥିଲା। ଡାକଘରେ କ'ଣ କ'ଣ ସରକାରୀ କାଗଜପତ୍ର ଅଛି, କ'ଣ ନାହିଁ, ସେନେଇ ଯାଞ୍ଚ କରାଯାଇଛି। ଏହି ଡାକଘରୁ ୨ଶହରୁ ଅଧିକ ଜମାକାରୀଙ୍କ ପାସବୁକ୍ ମିଳିଛି। ସେସବୁ ପାସ୍‌ବୁକ୍ କାହାର, ଆକାଉଣ୍ଟ ନମ୍ବର କେତେ, ବହିରେ କେତେ ଟଙ୍କା ଜମା ରହିଛି; ତାହା ମଧ୍ୟ ଯାଞ୍ଚ କରାଯାଇଛି। ଏହି ଖବର ପାଇ ଶହଶହ ଜମାକରୀ ସେଠାରେ ଭିଡ଼ ଜମାଇଥିଲେ। ଭିଡ଼ ନିୟନ୍ତ୍ରଣ ଓ ଗଣ୍ଡଗୋଳ ଆଶଙ୍କା କରି ପୋଲିସ ମୁତୟନ କରାଯାଇଥିଲା। କେନ୍ଦ୍ରପଡ଼ା ଡାକ ବିଭାଗର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର ପ୍ରଧାନଙ୍କ କହିବା କଥା, କେତେ ଟଙ୍କା ହଡ଼ପ ହୋଇଛି, ତାହା ତଦନ୍ତ ପରେ ଜଣାପଡ଼ିବ। ପୋଷ୍ଟମାଷ୍ଟର୍ ଛୁଟି ଦରଖାସ୍ତ ଦେଇନାହାନ୍ତି। ସେ ଫେରାର ଅଛନ୍ତି। ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ



ପୋଷ୍ଟମାଷ୍ଟର୍ ୧୩ ଦିନ ହେଲା ପୋଷ୍ଟ ଅଫିସରେ ତାଲା ପକାଇ ଫେରାର ହୋଇଯାଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଲା ଭାଙ୍ଗି ଯାଞ୍ଚ କରାଯାଉଛି ବୋଲି କହିଛନ୍ତି। ପୋଷ୍ଟ ଅଫିସ୍ ସରକାରଙ୍କ ଏକ ନିର୍ଭରଯୋଗ୍ୟ ସଂସ୍ଥା ହୋଇଥିଲେ ବି ଏହି ସଂସ୍ଥାରେ ଦୁର୍ନୀତି ଆଲୋଡ଼ନ ସୃଷ୍ଟି ବି କରିଛି। ତେବେ ଜମାକାରୀମାନେ ସେମାନଙ୍କ ସମସ୍ତ ଟଙ୍କା ଫେରିପାଇବେ, ସେ ନେଇ କୌଣସି ନିଶ୍ଚିତ ପ୍ରତିଶ୍ରୁତି ମିଳି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ଲାଗି ରହିଛି। କୃଷ୍ଣନଗର ପଞ୍ଚାୟତର କୃଷ୍ଣ ନଗର, କନକନଗର, ବାଘୁଆ ଓ ଶୈଳେନ୍ଦ୍ରନଗର ଗାଁର ୨ ହଜାରରୁ ଅଧିକ ଜମାକାରୀ ଏହି ଠକେଇର ଶିକାର ହୋଇଛନ୍ତି। ଆରଡି, ସୁକନ୍ୟା ସମୃଦ୍ଧି ଯୋଜନା, ସଞ୍ଚୟ ଜମା ଖାତା, ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ, ସମୟ ଅବଧି ଜମା ଆଦି ଡାକ ବିଭାଗର ସବୁ ଯୋଜନାରେ ଜମା ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି।

# ଶିକୁଳି ଭାଙ୍ଗି ପାରିଲେ ସିକଲ ସେଲକୁ ହରାଇବା ସହଜ ହେବ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସିକଲ ସେଲ ବା ରକ୍ତ ଶିକୁଳି ରୋଗ ଏକ ବଂଶଗତ ରୋଗ ଯାହାଦ୍ୱାରା ରକ୍ତରେ ହିମୋଗ୍ଲୋବିନ ତିଆରି କରୁଥିବା ଜିନ୍ ତ୍ରୁଟି ଯୁକ୍ତ ହୋଇଥାଏ। ଏହାଦ୍ୱାରା ଶରୀରରେ ଲୋହିତ ରକ୍ତକଣିକା କମିଯିବା, ଶରୀର ଓ ଗଣ୍ଠିରେ ଗମ୍ଭୀର ଯନ୍ତ୍ରଣା, ଥକ୍କାପଣ, ଆଖି ହଳଦିଆ ପଡ଼ିଯିବା, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ବାରମ୍ବାର ସଂକ୍ରମିତ ହେବା, ଗର୍ଭାବସ୍ଥାରେ ଜଟିଳତା ଏବଂ ଅଙ୍ଗହୀନ ବା ବିକଳାଙ୍ଗ ହେବାପରି ଜଟିଳ ସ୍ଥିତି ଉପୁଜି ପାରେ। ଏହା ଏକ ଜରୁରୀକାଳୀନ ସ୍ଥିତି ଅଟେ। ତେଣୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳନୋତ୍ସବରେ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ରାମଶଙ୍କର ତ୍ରିପାଠୀ କହିବା ସହ




ଏହି ରୋଗ ବଂଶଗତ ଅଟେ। ତେଣୁ ନିଜ ସ୍ୱାସ୍ଥ୍ୟ ଏବଂ ନିଜ ପରିବାରର ଭବିଷ୍ୟତ ସ୍ୱାସ୍ଥ୍ୟରକ୍ଷା ପାଇଁ ପରୀକ୍ଷଣ କରାଇ ଦେବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଯଦି ମାତା ପିତା ଉଭୟେ ସିକିଲ ସେଲ ରକ୍ତହୀନତା ଗ୍ରସ୍ତ ତେବେ ସନ୍ତାନସନ୍ତତି ମଧ୍ୟ ସିକଲସେଲ ରୋଗ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ତେଣୁ ବିବାହ ପୂର୍ବରୁ ରକ୍ତ ପରୀକ୍ଷା କରାଇ ନେଇ ସେହି ଅନୁସାରେ ନିଜ ଜୀବନସଙ୍ଗୀ ଚୟନ ପୂର୍ବକ ଏହି ଶିକୁଳିକୁ ଭାଙ୍ଗି ପାରିଲେ ଆମେ ରକ୍ତ ଶିକୁଳି ରୋଗକୁ ହରାଇ ପାରିବା ବୋଲି ସେ କହିଥିଲେ। ୨୦୪୭ ସୁଦ୍ଧା ଭାରତକୁ ସିକଲସେଲ ରକ୍ତହୀନତାରୁ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ବଜେଟରେ ଏକ ମିଶନ ଘୋଷଣା କରାଯାଇଛି। ଏଥିରେ ସଚେତନତା ସୃଷ୍ଟି, ପ୍ରଭାବିତ ଜନଜାତି ଅଞ୍ଚଳର ୦-୪୦ ବର୍ଷର ସମସ୍ତ ଜନସାଧାରଣଙ୍କୁ ଯାଞ୍ଚ, ଚିହ୍ନିତ ରୋଗୀକୁ ଚିକିତ୍ସା ଓ ସେବା ଯୋଗାଇ ଦିଆଯିବ। ଚଳିତ ବର୍ଷ ୧୯ ଜୁନରୁ ୦୩ ଜୁଲାଇ ପର୍ଯ୍ୟନ୍ତ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଚାଲୁଅଛି। ଏଥିରେ ସାମିଲ ହେବାକୁ ଜନସାଧାରଣଙ୍କୁ ଏହି ଅବସରରେ ଅନୁରୋଧ କରାଯାଇ ଥିଲା। ପାଳନୋତ୍ସବରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଜନସାଧାରଣ ସାମିଲ ଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଧରୁଆ ଉପସ୍ଥିତ ଥିବାବେଳେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ସିକଲସେଲ ରୋଗ ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇଥିବା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରିୟ ରଞ୍ଜନ ସାହୁ ସମଗ୍ର କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିବା ବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ଶାନ୍ତନୁ ମେହେର ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁନ ୨୦୨୪ ଶନିବାର







ସମ୍ବଲପୁର : ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍ (ଏମସିଏଲ) ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମସିଏଲର ସିଏମ୍‌ଡି ଉଦୟ ଏ କାଓଲି ଏବଂ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି । (ଫଟୋ : ସମ୍ବାଦ କଳିକା)

# ଓମ୍ ପ୍ରାଣାୟାମ କେନ୍ଦ୍ର ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ



ଭୁବନେଶ୍ୱର : ଓମ୍ ପ୍ରାଣାୟାମ କେନ୍ଦ୍ର ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ବିଜୁ ପଟ୍ଟନାୟକ ପାର୍କ ଠାରେ ଯୋଗ ଓ ପ୍ରାଣାୟାମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଯୋଗ ଶିବିରରେ ପ୍ରାଣାୟାମ କେନ୍ଦ୍ରର ସମସ୍ତ ସଭ୍ୟବୃନ୍ଦ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଗୁରୁ ତଥା ଓମ୍ ପ୍ରାଣାୟାମ କେନ୍ଦ୍ରର ପ୍ରତିଷ୍ଠାତା ତଥା ସ୍ତମ୍ଭକାର ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶ ଥାଉକି ୨୦୦୩ ମସିହାରେ ଯୋଗଗୁରୁ ଶ୍ରୀ ଅଗ୍ରୱାଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓମ୍ ପ୍ରାଣାୟାମ କେନ୍ଦ୍ର ପ୍ରତିଷ୍ଠା ହେବାପରେ ଏହାର ପ୍ରାତଃ ଶିବିର ଗତ ୨୧ ବର୍ଷ ଧରି ଅନୁଷ୍ଠିତ ହୋଇଚାଲିଛି । (ଫଟୋ : ସମ୍ବାଦ କଳିକା)

# ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ଏହାର ମୁଖ୍ୟାଳୟ ଭୁବନେଶ୍ୱର ଏବଂ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ୱାଲଟିୟର ସହିତ ବିଭିନ୍ନ ରେଳ ପ୍ରତିଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲ କୋରାପୁଟରେ ଆୟୋଜିତ ଯୋଗ ଅଧିବେଶନରେ ରେଳ କର୍ମଚାରୀ ଓ ଅଧିକାରୀମାନଙ୍କ ସହିତ ଅଂଶଗ୍ରହଣ କରିଥିବାବେଳେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଭୁବନେଶ୍ୱରର ରେଳ ବିହାର ଠାରେ ଅଂଶଗ୍ରହଣ କରିଥିଲେ । ଏହା ବ୍ୟତୀତ ମଣ୍ଡଳ ରେଳବାଇ ପ୍ରବନ୍ଧକ / ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ସେମାନଙ୍କ ମୁଖ୍ୟାଳୟ ଯଥା ସମ୍ବଲପୁର, ଖୋର୍ଦ୍ଧା ରୋଡ୍ ଓ ୱାଲଟିୟର ଠାରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ ।

କୋରାପୁଟରେ ଆୟୋଜିତ ଯୋଗ ଶିବିରରେ ଅଂଶଗ୍ରହଣ କରି ମହାପ୍ରବନ୍ଧକ ଶ୍ରୀ ଫୁଙ୍କାଲ କହିଛନ୍ତି ଯେ ଯୋଗ ଶାରୀରିକ ଏବଂ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ସର୍ବୋତ୍ତମ ଉପାୟ ଏବଂ



ଆପଣଙ୍କ ଶରୀରର ଆଭ୍ୟନ୍ତରୀଣ ସନ୍ତୁଳନ ବଜାୟ ରଖିବା ପାଇଁ ନିୟମିତ ଯୋଗ ଅଭ୍ୟାସ କରିବାକୁ ସେ ପରାମର୍ଶ ଦେଇଥିଲେ ।

ପୂର୍ବତଟ ରେଳପଥର ଅନ୍ୟ ରେଳ ପ୍ରତିଷ୍ଠାନର କର୍ମଚାରୀ ତଥା ଅଧିକାରୀମାନେ ଯେପରିକି ମଞ୍ଚେଶ୍ୱର ସାରୀ ଡବା ମରାମତି କାରଖାନା, କୋଚିଂ ଡିପୋ ଏବଂ ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଶାଖା କାର୍ଯ୍ୟାଳୟ ଗୁଡ଼ିକରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଛି ।

ଆନ୍ତର୍ଜାତୀୟ ଯୋଗ ଦିବସ ସର୍ବଭାରତୀୟ କଲ୍ୟାଣର ବାର୍ତ୍ତା ବିସ୍ତାର କରି ଅଂଶଗ୍ରହଣ ସହିତ ବୃଦ୍ଧି ପାଉଛି । ସାମୂହିକ ଶକ୍ତି ବ୍ୟବହାର କରି ଏକ ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ସମାଜ ପ୍ରତିପୋଷଣରେ ଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ବର୍ଷର ବିଷୟବସ୍ତୁ, ସ୍ୱୟଂ ଏବଂ ସମାଜ ପାଇଁ ଯୋଗ ଅଭ୍ୟାସର ଦ୍ୱିଗୁଣ ଲାଭ ଉପରେ ଗୁରୁତ୍ୱ ଦେଇଥାଏ । ଏହି ବର୍ଷର ଯୋଗର ବିଷୟବସ୍ତୁ ହେଉଛି ସ୍ୱୟଂ ଏବଂ ସମାଜ ପାଇଁ ଯୋଗ । ଯୋଗରୁ ଜଣେ ବ୍ୟକ୍ତି ତା'ର ଅନ୍ତର୍ନିହିତ ସନ୍ତୁଳନ ପାଇବ, ଯଥା, ଶକ୍ତି, ସନ୍ତୁଳନ ଏବଂ ନମନୀୟତାକୁ ଉନ୍ନତ କରିବ; ହୃଦ୍‌ରୋଗକୁ ରକ୍ଷା କରିବ ଏବଂ ଚାପ ଏବଂ ଚିନ୍ତାକୁ ହ୍ରାସ କରାଇବ ।

ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଦସ୍ୟମାନେ ମଧ୍ୟ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟି ଭୁବନେଶ୍ୱରରେ ଯୋଗ ଦିବସ ପାଳନକୁ ସଂଯୋଜନା କରିଥିବାବେଳେ କୋରାପୁଟରେ ଯୋଗ ଦିବସ ପାଳନକୁ ମଣ୍ଡଳ ରେଳବାଇ ପ୍ରବନ୍ଧକ ସୌରଭ ପ୍ରସାଦ ସଂଯୋଜନା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ କରାଇବା ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ସଦନ ଠାରେ ରେଳପଥ ମୁଖ୍ୟାଳୟରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଠାରେ ବହୁ କର୍ମଚାରୀ ଏବଂ ଅଧିକାରୀ ଅଂଶଗ୍ରହଣ କରିଥିଲେ ଏବଂ ଯୋଗର ଅଭିଜ୍ଞତା ଏବଂ ଉପକାରିତା ଉପସ୍ଥାପନ କରିଥିଲେ ।

# ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ଏବଂ ଏହାର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ପକ୍ଷରୁ ପ୍ଲାଣ୍ଟ ପରିସରରେ ତଥା ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଅନଗୁଳ ପ୍ଲାଣ୍ଟ ପରିସରରେ ଆୟୋଜିତ ହୋଇଥିବା ଯୋଗ ଶିବିରରେ ଅନୁଗୁଳ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲ୍‌ହାନ ଏବଂ ପ୍ରକଳ୍ପସମୂହର ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ସହ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ସେମାନଙ୍କ



ପରିବାର ଏବଂ ଉତ୍ସାହୀ ଗ୍ରାମବାସୀ ଯୋଗ ଦେଇ ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ଯୋଗ ପ୍ରାଣାୟାମ ଆଦି ଅଭ୍ୟାସ କରିଥିଲେ ।

ଏହି ଅବସରରେ ଜେଏସପିର ଅଧ୍ୟକ୍ଷ ଏବଂ ହରିୟାଣା, କୁରୁକ୍ଷେତ୍ରର ସାଂସଦ ନବୀନ ଜିନ୍ଦଲ ତାଙ୍କ ଜୀବନରେ ଯୋଗର ମହତ୍ୱ ଉପରେ ଆଲୋକପାତ କରି ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯୋଗ ମୋ ଜୀବନର ଏକ ମୂଳଦୁଆ ପାଲଟିଛି ଏବଂ ଯୋଗର ପ୍ରାଣାୟାମ ମୋତେ ବିଶେଷ ସାହାଯ୍ୟ କରିଛି । ମୋତେ ଶାନ୍ତ ଏବଂ ସ୍ୱଚ୍ଛତା ସହିତ ସଶକ୍ତ କରିଛି । ଏହା କେବଳ ବ୍ୟାୟାମ ନୁହେଁ; ଏହା ଯେକୌଣସି କାର୍ଯ୍ୟକଳାପରେ ଧ୍ୟାନ କେନ୍ଦ୍ରିତ କରିବାର ଏକ ସରଳ ଏବଂ ସ୍ୱତନ୍ତ୍ର ଉପାୟ । ଏହି ଅମୂଲ୍ୟ ଅଭ୍ୟାସରେ ମୋତେ ମାର୍ଗଦର୍ଶନ କରିଥିବାରୁ ମୋର ଗୁରୁମାନଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।



ଭୁବନେଶ୍ୱର : ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ (ଓଏଚ୍‌ପିସି) ପକ୍ଷରୁ ସଂସ୍ଥାର ସ୍ଥାନୀୟ ତାଲିମ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

# ନବୀନ ବାବୁ ଏକଦମ୍ ଫିଟ୍ : ତାରା ବାହିନୀପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏବେ ନବୀନ ବାବୁ ଏକଦମ୍ ଫିଟ୍ ଅଛନ୍ତି । ବ୍ୟୁଟିଫୁଲ୍ ଦେଖାଯାଉଛନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ଗୁରୁବାର ଦିନ ଗଣମାଧ୍ୟମକୁ ତାରା କହିଛନ୍ତି, ଆରେ ଆମ ନବୀନବାବୁ ବଢ଼ିଆ ଚାଲୁଛନ୍ତି । ବାସ୍ତବ କ୍ଷେତ୍ରରେ ନବୀନବାବୁଙ୍କ ପ୍ରତି ମୋର ବହୁତ ସମ୍ମାନ ରହିଛି । ସିଏ ବୟସ୍କ ଲୋକ ପଡିଯିବେ, ସେଥିପାଇଁ ମୁଁ ତାଙ୍କ ପଛେ ପଛେ ଚାଲୁଥିଲି । ହେଲେ ସିଏ ଭଲ କରି ଚାଲୁଥିଲେ । ଠକ୍ ଠକ୍ କରି ପାହାଚ ଚଢ଼ି ଚଢ଼ି ଗଲେ । ତାଙ୍କ ହାତ ଥରୁନି । ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଲେ । ଭଲ କଥାବାର୍ତ୍ତା ହେଲେ । ସେ ମୋତେ ପଚାରିଲେ, ଆପଣ ଖୁସି ତ ? ମୁଁ କହିଲି- ବହୁତ ବଢ଼ିଆ ଖୁସି, ବ୍ୟୁଟିଫୁଲ୍ । ହେଲେ ଆଗରୁ ତାଙ୍କ ହାତ କାହିଁକି ଥରୁଥିଲା ? ସେ କାହିଁକି ମୁଣ୍ଡ ହଲାଉଥିଲେ ? ତାଙ୍କ ମାଇକ୍ ଆଉ କାହାକୁ ଧରିବାକୁ କାହିଁକି ପଡୁଥିଲା ସେ ସମ୍ପର୍କରେ ମୁଁ ଜାଣିପାରୁନି । କିନ୍ତୁ ସେ ଏକଦମ୍ ଫିଟ୍ ଓ ବ୍ୟୁଟିଫୁଲ୍ ବୋଲି ତାରା କହିଛନ୍ତି । ଅନ୍ୟପକ୍ଷରେ ବିଜେଡି ସହିତ କଂଗ୍ରେସ ହାତ ମିଳାଇବାକୁ ନେଇ ତାରା କହିଛନ୍ତି, କଂଗ୍ରେସ କାହା ସହିତ ହାତ ମିଳାଇନି । କଂଗ୍ରେସ ନିଜ କାମ ନିଜେ କରିବ । ଜନସାଧାରଣଙ୍କ ପାଇଁ କଂଗ୍ରେସର ଯେଉଁ କର୍ତ୍ତବ୍ୟ, ତାହା କରିବ । କାହା ସହିତ କମ୍ପ୍ରମାଇଜ୍ କରିବ ନାହିଁ ବୋଲି ତାରା କହିଛନ୍ତି ।

# ଏସବିଆଇ ଭୁବନେଶ୍ୱର ମଣ୍ଡଳର ଯୋଗ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ଓଡ଼ିଶାରେ ଥିବା ଶାଖା ଏବଂ ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ବହୁ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥିଙ୍କ ଦ୍ୱାରା ଏକ ବାଲୁକା କଳା ଉଦ୍‌ଘାଟନ କରାଯାଇଥିଲା । ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ଭୁବନେଶ୍ୱରର ପ୍ରଶିକ୍ଷକମାନଙ୍କ ଦ୍ୱାରା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପ୍ରାଙ୍ଗଣରେ



ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା । ୧୦୦ରୁ ଅଧିକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ଯୋଗ ମୁଦ୍ରା ଓ ନିୟମିତ ଯୋଗ ଅଭ୍ୟାସର ଲାଭ ବିଷୟରେ ଜାଣିଥିଲେ ।

# ଶ୍ରୀଜୟଦେବଙ୍କ ନାମରେ ଦିଆଯାଉଥିବା ଚଳଚ୍ଚିତ୍ର ପୁରସ୍କାରର ପରିବର୍ତ୍ତନ କରାନଯାଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଅସ୍ମିତାର ସ୍ୱାଭିମାନ ମହାକବି ଶ୍ରୀଜୟଦେବଙ୍କ ନାମରେ ଦୀର୍ଘ ପଚାଶବର୍ଷ ଧରି ଦିଆଯାଇ ଆସୁଥିବା ଜୟଦେବ ପୁରସ୍କାର ନାମ ବଦଳାଇ ଓଡ଼ିଆ ସୀତା ବିବାହ ଚଳଚ୍ଚିତ୍ରର ନିର୍ମାତା ଜଣେ ବଙ୍ଗୀୟ ମୋହନଦେବ ଗୋସ୍ୱାମୀଙ୍କ ନାମରେ ନାମିତ କରିବା ନିମନ୍ତେ କେତେକ ମୁଷ୍ଟିମେୟ ବଙ୍ଗାଳୀ ଅନୁରକ୍ତ ଉତ୍କଳୀୟ ବ୍ୟକ୍ତିବିଶେଷଙ୍କ ଉଦ୍ୟମ ସରକାରୀ ସ୍ତରରେ ଅନୁମୋଦନ କରାଇ ନେଇଥିବା ଜଣାପଡ଼ିଯିବାରୁ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଜନସାଧାରଣଙ୍କ ପକ୍ଷରୁ ତାହାର ପ୍ରତିବାଦ କରାଯାଇ ସେ ସମ୍ପର୍କରେ ଓଡ଼ିଶା ହାଇକୋର୍ଟରେ ଏକ ମକଦ୍ଦମା ଦାଏର କରାଯାଇଥିବା ଜଣାପଡ଼ିଛି । ଓଡ଼ିଆ ସ୍ୱାଭିମାନକୁ ସମ୍ମାନ ଜଣାଇ ଜୟଦେବଙ୍କ ନାମରେ ଥିବା ପୂର୍ବର ଚଳଚ୍ଚିତ୍ର ପୁରସ୍କାର ସେହିଭଳି ଦିଆଯାଉ ଓ ମୋହନ ଗୋସ୍ୱାମୀଙ୍କ ନାମରେ ନୂଆ କରି ସୃଷ୍ଟି ହେଉଥିବା ପୁରସ୍କାର ଦେବାରେ କୌଣସି ଆପତ୍ତି ରହିବ ନାହିଁ ଓ ଦିଆଯାଇ ଆସୁଥିବା ଜୟଦେବ ପୁରସ୍କାରକୁ ବନ୍ଦ କରିଦେବାରେ କୌଣସି ଯଥାର୍ଥତା ନାହିଁ ବୋଲି ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

# ପିକ୍‌ଅପ୍ ଓଲଟି ୨ ଯବାନଙ୍କ ମୃତ୍ୟୁ

**ରାୟପୁର**

ଛତିଶଗଡର ବଳରାମପୁର ଜିଲ୍ଲାରେ ପିକଅପ ଓଲଟିବା କାରଣରୁ ଛତିଶଗଡ ସଶସ୍ତ୍ର ବଳର ଦୁଇ ଯବାନଙ୍କ ମୃତ୍ୟୁ ହୋଇଛି । ସେହିପରି ପିକଅପ ଚଳାଉଥିବା ଡ୍ରାଇଭର ଓ ଜଣେ ଯବାନ ଆହତ ହୋଇଛନ୍ତି । ଉଭୟଙ୍କ ଚିକିତ୍ସା ଜାରି ରହିଛି । ସାମରୀ ପାଟ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ଅଧିକାରୀଙ୍କ ସୂଚନା ମୁତାବକ ନକ୍ସଲ ପ୍ରଭାବିତ ସାମରୀ ଥାନା ଅଞ୍ଚଳରେ ବୁଧବାର କ୍ୟାମ୍ପ ସିଫ୍ଟିଂ କାମ ଚାଲୁଥିଲା । ଏହାରି ଭିତରେ ରାତିରେ ସିଏଏଫ ଯବାନଙ୍କ ପିକଅପ ଭ୍ୟାନ ସାମରୀରୁ ଭୁତାହୀ ମଧ୍ୟରେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ସ୍ନାନ ...

ତଥା ଅତିରିକ୍ତ ଏସ୍‌ପି, ୨ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୩ ଜଣ ସୁବେଦାର ତଥା ଇନ୍ସପେକ୍ଟର, ୨୧ ଜଣ ଏସଆଇ ଓ ଏଏସ୍‌ଆଇ, ୫ ଜଣ ହାବିଲ୍‌ଦାର, ୫୪ ଜଣ କନଷ୍ଟେବଲ, ୪୦ ଜଣ ହୋମଗାର୍ଡ ଏବଂ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କମାଣ୍ଡାଣ୍ଟ ତଥା ଏସ୍‌ପି ର୍‌ୟାଙ୍କ ଅଧିକାରୀ, ୨ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୬ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୧୦ ଜଣ ସୁବେଦାର ତଥା ଇନ୍ସପେକ୍ଟର, ୮୭ ଜଣ ଏସଆଇ ଓ ଏଏସଆଇ, ୩୪ ଜଣ ହାବିଲ୍‌ଦାର୍, ୧୨ ଜଣ ଟ୍ରାଫିକ ହାବିଲ୍‌ଦାର୍, ୧୪୦ ଜଣ କନେଷ୍ଟବଲ, ୪୬ ଜଣ ଟ୍ରାଫିକ କନଷ୍ଟେବଲ, ୪୦୬ ଜଣ ହୋମଗାର୍ଡ, ୮ ପ୍ଲାଟୁନ ୨ ସେକ୍ସନ ଫୋର୍ସ ମୁତୟନ ହେବେ ।

ବେଳାଭୂମିରେ ଯାତ୍ରୀଙ୍କ ନିୟନ୍ତ୍ରଣ ପାଇଁ ଜଣେ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ଜଣେ ସୁବେଦାର ତଥା ଇନ୍ସପେକ୍ଟର, ୯ ଜଣ ଏସଆଇ ଓ ଏଏସ୍‌ଆଇ, ୮ ଜଣ କନଷ୍ଟେବଲ, ୩୦ ଜଣ ହୋମଗାର୍ଡ ଓ ୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଅନ୍ୟାନ୍ୟ ସେବା ପାଇଁ ୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୨ ସେକ୍ସନ ଫୋର୍ସ ମୁତୟନ ହେବେ ବୋଲି ପଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ୧୩ ବୁଥ୍‌ରେ ...

୧୩୩୦ ଭୋଟ୍ ବ୍ୟବଧାନରେ ହାରିଛନ୍ତି । ହେଲେ ଏଥିପାଇଁ ତାଙ୍କର କୌଣସି ଅସନ୍ତୋଷ ବା ଦୁଃଖ ନାହିଁ ବୋଲି ଦୀପାଳି କହିଛନ୍ତି । କିନ୍ତୁ ସେ ନିଜର ଅଧିକାର ପାଇଁ ଲଢେଇ ଜାରି ରଖିବେ ବୋଲି କହିଛନ୍ତି । ଏହି ନିର୍ବାଚନରେ ୧୨୯୭ ଭୋଟ୍ ନୋଟାକୁ ଯାଇଛି । ଏହି ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବିଜୟୀ ହୋଇଛନ୍ତି ।

## ୫୩ ବର୍ଷ ପରେ ...

ଚଳିତ ବର୍ଷ ଏପରି ହେବାର ମୁଖ୍ୟ କାରଣ ହେଉଛି, ମୁକ୍ତିମଣ୍ଡପର ଜଣେ ସଦସ୍ୟଙ୍କ କହିବା ଅନୁସାରେ, ଏଥର ଅଣସର ସମୟ ୧୩ ଦିନ ପଡୁଥିଲେ ମଧ୍ୟ ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟ ତଥ୍ୟ ଅନୁସାରେ ୧୫ ଦିନ ପର୍ଯ୍ୟନ୍ତ ଅଣସର ନୀତିକାନ୍ତି ପାଳନ ହେବା ଅନିବାର୍ଯ୍ୟ ।

ଏହି କାରଣରୁ ଜୁନ ୨୨ରେ ସ୍ନାନ ପୂର୍ଣ୍ଣିମା ସରିବା ପରେ ମହାପ୍ରଭୁ ଜୁଲାଇ ୬ ପର୍ଯ୍ୟନ୍ତ ଅଣସରରେ ରହିବେ । ତେଣୁ ଗୋଟିଏ ଦିନରେ ଅର୍ଥାତ ଜୁଲାଇ ୭ରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ରଥଯାତ୍ରା ଅନୁଷ୍ଠିତ ହେବ । ଗୋଟିଏ ଦିନରେ ତିନିଟି ନୀତିକାନ୍ତି ଥିବାରୁ ଏଥର ଭକ୍ତ ମହାପ୍ରଭୁଙ୍କର ନବଯୌବନ ଦର୍ଶନରୁ ବଞ୍ଚିତ ରହିବେ ।

୧୯୭୧ରେ ଏହିପରି ବିରଳ ସଂଯୋଗ ଘଟିଥିଲା । ତେଣୁ ପୂର୍ବ କାର୍ଯ୍ୟସୂଚୀ ଅନୁସରଣ କରାଯିବ । ନିର୍ଘଣ୍ଟ ହୋଇଥିବା ନୀତି ଅନୁସାରେ, ଏଥର ଜୁଲାଇ ୬ରେ ଠାକୁରମାନେ ଗୁପ୍ତସେବା ପାଇଁ ଅଣସରରେ ଥିବାରୁ ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଆସିବ । ଏହା ପରେ ଯାଇ ସିଂହଦ୍ୱାରରେ ଆଗରେ ଲାଗିବ ତିନି ରଥ ।

ରଥଯାତ୍ରା ଦିନ ସକାଳେ ପହଣ୍ଡି ହେବ ନାହିଁ । ଦିନ ୨ଟା ୩୦ରେ ପହଣ୍ଡି ହୋଇ ରଥକୁ ବିଜେ କରିବେ ତିନି ଠାକୁର । ଏହା ପରେ ଛେରା ପହଁରା ସହ ଅନ୍ୟାନ୍ୟ ନୀତିକାନ୍ତି ୩ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଚାଲିବ । ସନ୍ଧ୍ୟା ୭ କିମ୍ବା ୮ଟାରେ ରଥ ଟଣାଯିବ । ଏହି ଦିନ ତିନି ରଥକୁ ଅଳ୍ପ କିଛି ବାଟ ନିଆଯିବ ପରଦିନ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ ରଥ । ଏହି କାରଣରୁ ଏଥର ଭକ୍ତମାନେ ଦୁଇ ଦିନ ରଥ ଟାଣିବାର ସୁଯୋଗ ପାଇବେ ।

ପ୍ରକାଶ ଥାଉକି, ପଞ୍ଜିକା ଅନୁସାରେ ଏଥର ଦିତିଆ ତିଥି ଦୁଇ ଦିନ ରହୁଛି । ୭ ଜୁଲାଇ ଭୋର ୪:୨୬ରୁ ୮ ଜୁଲାଇ ୪:୫୯ ପର୍ଯ୍ୟନ୍ତ ଆଷାଢ଼ ଶୁକ୍ଳପକ୍ଷ ଦିତିଆ ତିଥି ରହୁଛି । ତେଣୁ ଏହି ସମୟ ମଧ୍ୟରେ ରଥଟଣା ହୋଇପାରିବ ।

## ପ୍ରତିଦିନ ୨ ଘଣ୍ଟା...

ଲୋକଙ୍କ ସହିତ ସହଜରେ ମିଶୁଛନ୍ତି, ସୁଖ ଦୁଃଖ ହେଉଛନ୍ତି ଏବଂ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଆଶ୍ୱାସନା ମଧ୍ୟ ଦେଉଛନ୍ତି । ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଏକ ଶୃଙ୍ଖଳିତ ଓ ସମୟୋଚିତ ବ୍ୟବସ୍ଥା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି ।

## ନୂଆ ଓଡ଼ିଶା, ସୁସ୍ଥ...

ନୁହେଁ, ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଯୋଗାଭ୍ୟାସ ଜାରି ରଖିବା ପାଇଁ ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସୁସ୍ଥ, ସୁଖୀ ଓ ସନ୍ତୁଳନଯୁକ୍ତ ସମାଜ ପାଇଁ ଆମେ ସମସ୍ତେ ଆସନ୍ତୁ ସଂକଳ୍ପ ନେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ନିଜ ଅଭିଭାଷଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସେ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ୨୦୧୫ରୁ ମିଳିତ ଜାତିସଂଘ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି । ଯୋଗର ମହାତ୍ମ୍ୟ ଆଜି ସାରା ବିଶ୍ୱରେ ପ୍ରସାରିତ ହୋଇଛି ବୋଲି ସେ କହିଥିଲେ । ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଏଭଳି ଭବ୍ୟ ଓ ଦିବ୍ୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ ଏବଂ କ୍ରୀଡ଼ା ବିଭାଗ ସହିତ ବିଭିନ୍ନ ସଂପୃକ୍ତ ବିଭାଗକୁ ଧନ୍ୟବାଦ ଦେଇଥିଲେ । ସେ କହିଥିଲେ ଯେ ସମସ୍ତେ ନିଷ୍ଠାର ସହିତ କାମ କରିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର. ଭିନୀଲ୍ କ୍ରିଷ୍ଣା ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଜୁଲାଇରେ...

ପ୍ରତିନିଧିତ୍ୱ କରିବେ ।

ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ବିଜେଡି ସରକାର ଫେବୃୟାରୀ ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୪ମାସିଆ ଲେଖାନୁଦାନ(କାମଚଳା ବଜେଟ) ଉପସ୍ଥାପିତ କରିଥିଲେ । ଏହି କାମଚଳା ବଜେଟର ଅବଧି ଜୁଲାଇ ୩୧ରେ ଶେଷ ହେଉଥିବାରୁ ତାପୂର୍ବରୁ ବିଧାନସଭାରେ ଆଉ ଏକ କାମଚଳା ବଜେଟକୁ ବିଜେପି ସରକାରଙ୍କୁ ଗୃହୀତ କରାଇବାକୁ ପଡ଼ିବ ।

## ପାଣିପାଗ ବିଭାଗର...

ରେକର୍ଡ କରାଯାଇଥିଲା । ମୌସୁମୀ ବର୍ଷା ହେବା ପରେ ଗ୍ରୀଷ୍ମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ମୌସୁମୀ ପ୍ରଭାବରେ ଏବେ କ୍ରମଶଃ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ବର୍ଷା ହେବ ଚାଷ କାମ ଆରମ୍ଭ ହୋଇଯିବ ।

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା C-71
OFFICE OF THE NOTIFIED AREA COUNCIL : KHANDAPADA
E-Mail Id-nackpg89@gmail.com
No - 1375 Date.20/06/2024
QUOTATION CALL NOTICE
Sealed quotation is hereby invited from intending regd. Pvt. Ltd. to supply of manpower for Sanitation Work such as sweeping of streets, cleaning of Drains, Door to Door Collection, Lifting and Transportation of Garbage in shift basis to Khandapada NAC as per requirements for the financial year 2024-25. The non refundable paper cost of Rs.11800/- in total will be deposited in the shape of Bank draft in favour of Executive Officer, NAC, Khandapada, payable at Khandapada failing which the tender/quotation will be rejected automatically. The tender documents as required by this office along with EMD in shape TDR/FDR/D.D of value of Rs.30,00p/- in favour of Executive Officer, NAC, Khandapada. The Tender/quotation call Notice , eligibility criteria , Bill of Quantity (BOQ) may be downloaded from the district website i.e. http://nayagarh.odisha.gov.in and in office website http://www.khandapadanac.in.
Sd/- Executive Officer
NAC, Khandapada
OIPR-13147/11/0001/2425

Phone-06842-253708
E-mail: rw_phulbani@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
O-35
No......3304......................RWDP, Dated the 13.06.2024
Government of Odisha e-Procurement Notice
Bid Identification No. Online Tender/01/EERWD PHULBANI/ 2024-25

| | | | |
|---|---|---|---|
| 1 | Name of the work | :: | Building Work (26Nos.) |
| 2 | Estimated cost | :: | Rs. 39.21 Lakhs |
| 3 | Period of Completion | :: | Six Calendar month |
| 4 | Date & Time of availability of Bid documents in the Portal | :: | From 01.07.2024 10.00 AM.to 10.07.2024 Up to 5.00 PM |
| 5 | Last Date/ Time for receipt of Bids in the Portal | :: | 10.07.2024 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in
OIPR-25077/11/0001/2425
Sd/- Executive Engineer
Rural Works Division, Phulbani

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.MCSW-FurACCoach-24-25-13
କାର୍ଯ୍ୟର ନାମ : 24(ଚବିଶି) ମାସ ସମୟ ଅବଧି ନିମନ୍ତେ ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ AC BG କୋଚ୍‌ଗୁଡ଼ିକର ସାଜସଜ୍ଜା ।
ବିଜ୍ଞାପିତ ମୂଲ୍ୟ (₹) : 1,80,89,694.72, EMD (₹) : 2,40,500.00, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.06.2024 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.07.2015 ରିଖ 1100 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-238/P/24-25

ଭୁବନେଶ୍ୱର
୨୨ ଜୁନ୍
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ଶ୍ରୀଜୀଉଙ୍କ ସ୍ନାନଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା

**ପୁରୀ, ୨୧।୦୬:ନ୍ୟୁଜ୍‌ବ୍ୟୁରୋ**

ଶନିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ। ସ୍ନାନ ମଣ୍ଡପରେ ଦର୍ଶନ ଦେବେ ଶ୍ରୀଜୀଉ। ତିନି ଠାକୁରଙ୍କ ଗଜବେଶ ଦେଖିବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ଚାରି ପାର୍ଶ୍ୱ ସହ ସିଂହଦ୍ୱାରରେ ଜମିବ ଭକ୍ତଙ୍କ ଭିଡ଼। ଖାଲି ଯେ ଶ୍ରୀମନ୍ଦିର କିମ୍ବା ଏହାର ଚତୁଃପାର୍ଶ୍ୱରେ ଭିଡ଼ ଜମିବ ତାହା ନୁହେଁ, ସମୁଦ୍ର ବେଳାଭୂମିରେ ବି ଲାଗିବ ପର୍ଯ୍ୟଟକ ତଥା ଯାତ୍ରୀଙ୍କ ଭିଡ଼। ସହରର ବିଭିନ୍ନ ଗଳିକନ୍ଦି ଜାମ ହେବାର ଆକଳନ କରାଯାଇଛି। ତେଣୁ ଏହି ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି।

ଶୃଙ୍ଖଳିତ ସ୍ନାନଯାତ୍ରା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ପୁରୀ ଏସ୍‌ପି ପିନାକ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ନେଇ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଟ୍ରାଫିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଭିଆଇପି ଓ ଭିଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶନିବାର ଦେବସ୍ନାନ ପୂର୍ଣ୍ଣମା ଉପଲକ୍ଷେ ମରଚିକୋଟ ଛକରୁ ହୋଇଥିବା ବ୍ୟାରିକେଡ୍‌ରେ ପ୍ରବେଶ କରି ସିଂହଦ୍ୱାର ଦେଇ ସ୍ନାନବେଦୀରେ ଦର୍ଶନ କରିବେ। ପହଣ୍ଡି ସମୟରେ ଟିକେଟଧାରୀ ମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ କରିବେ।

ମାର୍କେଟ ଛକରୁ ନୋ ଭେଇକିଲ ଜୋନ୍ କରାଯାଇଛି। କେବଳ ପାସ୍ ଧାରୀମାନେ ମରଚିକୋଟ ଛକ ପର୍ଯ୍ୟନ୍ତ ଯାଇପାରିବେ। ପାର୍କିଂ ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରରୁ ଆସୁଥିବା ଯାନ ହରେକୃଷ୍ଣପୁର ଦେଇ ଶ୍ରୀସେତୁ ଦେଇ ଜେବିପିସିରେ ପାର୍କିଂ କରିବେ। ଶ୍ରୀମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବେ ଓ ବାକି ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ଛିନତାଇ, ଅପରାଧୀଙ୍କୁ ରୋକିବା ପାଇଁ ପୁଲିସ ମୁତୟନ ହେବେ। ଗରମକୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପହଣ୍ଡି ସମୟରେ ଠାକୁରଙ୍କୁ ସ୍ପର୍ଶ ମନା। ବେଳାଭୂମିରେ ଲାଇଫଗାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

**ଭୁବନେଶ୍ୱର, ୨୧।୦୬**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶ୍ରୀ ସିଂହଦେଓଙ୍କ ସହ ତାଙ୍କ ପତ୍ନୀ ତଥା ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହଦେଓ ମଧ୍ୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରିଛନ୍ତି।

ଶ୍ରୀ ସିଂହଦେଓ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜିଏସଟି କାଉନସିଲ ବୈଠକ ଏବଂ କେନ୍ଦ୍ର ସରକାରଙ୍କ ପ୍ରାକ୍ ବଜେଟ୍ ପ୍ରସ୍ତୁତି ସମ୍ପର୍କୀତ ରାଜ୍ୟ ଅର୍ଥମନ୍ତ୍ରୀ ମାନଙ୍କ ଆଲୋଚନା ବୈଠକରେ ମଧ୍ୟ ଯୋଗ ଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ଶ୍ରୀ ସିଂହଦେଓ ଏହି ବୈଠକରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।



ପୁରୀ : ରାତି ପାହିଲେ ପବିତ୍ର ଦେବସ୍ନାନ ପୂର୍ଣ୍ଣମା। ମହାପ୍ରଭୁଙ୍କ ଅପେକ୍ଷାରେ ସ୍ନାନବେଦୀ। (ଫଟୋ : ସମ୍ବାଦ କଳିକା)

# ୨୩ରୁ ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୨୧।୦୬: ନ୍ୟୁଜ୍**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସଦର ବିଧାନସଭା ନିର୍ବାଚନମଣ୍ଡଳୀରୁ ଚତୁର୍ଥ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ମୋହନ ଚରଣ ମାଝୀ ଆସନ୍ତା ୨୩ ତାରିଖ ରବିବାର ଦିନ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରୁ ବାହାରି ସକାଳ ୯ଟା ୪୫ ରେ ଘଟଗାଁ ହାଇସ୍କୁଲ ଖେଳପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ପୂର୍ବାହ୍ନ ୧୦ଟା ୨୫ରେ ପହଞ୍ଚିବେ। ସେଠାରୁ ସେ ଆସି ମା' ତାରିଣୀଙ୍କ ଦର୍ଶନ ପୂର୍ବାହ୍ନ ୧୧ଟାରେ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ପରେ ସେଠାରୁ ଅସ୍ଥାୟୀ ହେଲିପ୍ୟାଡ୍‌କୁ ମଧ୍ୟାହ୍ନ ୧୨ଟା ୪୦ରେ ପ୍ରତ୍ୟାବର୍ତ୍ତନ କରିବା ପରେ ୧୨ଟା ୪୫ରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କେନ୍ଦୁଝର ରିଜର୍ଭ ପୋଲିସ ପଡିଆକୁ ଅପରାହ୍ନ ୧ଟା ୫ରେ ଆସିବେ। ସେଠାରୁ କାର୍‌ରେ ସର୍କିଟ ହାଉସ ଆସି ମଧ୍ୟାହ୍ନ ଭୋଜନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ କାର୍ ଯୋଗେ ଅପରାହ୍ନ ୩ଟା ୧୦ରେ ଶ୍ରୀ ବଳଦେବଜୀଉ ମନ୍ଦିର ଯାଇ ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଲାଭ କରିବେ। ଏହା ପରେ ଏକ ରୋଡ୍ ସୋ'ରେ ବଳଦେବଜୀଉ ମନ୍ଦିର ଆଟୋପୁର, ଚର୍ଚ୍ଚ ଛକ, ଜେଲରୋଡ, ଗାନ୍ଧୀଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଲାବଣ୍ୟ ଛକ, ନୂଆ କୋର୍ଟ, ଟେଲିଫୋନ ଏକ୍ସଚେଞ୍ଜ ଦେଇ ଅପରାହ୍ନ ୫ଟା ୧୦ରେ କେନ୍ଦୁଝର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇ ସେଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ। ଏହାପରେ କେନ୍ଦୁଝର ସର୍କିଟ ହାଉସଠାରେ ସେ ରାତ୍ରୀଯାପନ କରିବା ସହିତ ୨୪ ତାରିଖ ସକାଳେ କେନ୍ଦୁଝର ରିଜର୍ଭ ପୋଲିସ ପଡିଆରୁ ପୂର୍ବାହ୍ନ ୧୦ଟା ୩୫ରେ ହେଲିକପ୍ଟର ଯୋଗେ ନିଜ ଗାଁ ରାଇକଳା ଅସ୍ଥାୟୀ ହେଲିପ୍ୟାଡ୍‌ରେ ପୂର୍ବାହ୍ନ ୧୦ଟା ୫୫ରେ ପହଞ୍ଚିବେ। ଏକ ରୋଡ୍ ସୋ'ରେ ଝୁମ୍ପୁରା ଦୁର୍ଗାପଡିଆ ଯିବେ। ସେଠାରେ ଉପସ୍ଥିତ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧିତ କରିବା ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ। ଅପରାହ୍ନ ୨ଟା ୩୦ରେ ଝୁମ୍ପୁରାରୁ ରାଇକଳା ସ୍ଥିତ ନିଜ ଘରକୁ ଯାଇ ସେଠାରେ ମଧ୍ୟାହ୍ନ ଭୋଜନ କରିବେ। ସେଠାରୁ ଅପରାହ୍ନ ୩ଟାରେ ବାହାରି ରାଇକଳାସ୍ଥିତ ଅସ୍ଥାୟୀ ଅଫିସ ଯିବେ। ସେଠାରୁ ସେ ଅପରାହ୍ନ ୪ଟା ୨୫ରେ ଅସ୍ଥାୟୀ ହେଲିପ୍ୟାଡ୍ ରାଇକଳାକୁ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସନ୍ଧ୍ୟା ୬ଟା ୫ରେ ପହଞ୍ଚିବେ ବୋଲି ଜଣାପଡିଛି।



# ନାଲ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




**ଅନୁଗୁଳ, ୨୧।୦୬: ନ୍ୟୁଜ୍‌ବ୍ୟୁରୋ**

ଭରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଦେଶବ୍ୟାପୀ ପାଳିତ ହେଉଥିବା ଏହି ଯୋଗ ଦିବସରେ ନାଲ୍‌କୋ ତରଫରୁ କମ୍ପାନୀର ଅନୁଗୁଳ ଓ କୋରାପୁଟସ୍ଥିତ କାରଖାନା ତଥା ଅନ୍ୟାନ୍ୟ ୟୁନିଟ୍ ଏବଂ ସମସ୍ତ ଆଞ୍ଚଳିକ ଅଫିସରେ ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମ୍ପାନୀର ସିଏମଡି ଶ୍ରୀଧର ପାତ୍ର ଅନୁଗୁଳର ସ୍ମେଲ୍ଟର ଓ ପାୱାର ପ୍ଲାଣ୍ଟ ଠାରେ ଆୟୋଜିତ ଯୋଗ ଦିବସ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ଏହି ଯୋଗଭ୍ୟାସ ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀବୃନ୍ଦ, କର୍ମଚାରୀଗଣ, ପରିବାର ସଦସ୍ୟ, ସ୍କୁଲ ଛାତ୍ର-ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ବିଶେଷ ଗଣ୍ୟମାନ୍ୟ ଅତିଥି ମାନଙ୍କ ମଧ୍ୟରେ ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତ ପାତ୍ର, ଅମିୟ କୁମାର ସ୍ୱାଇଁ, ଇଡି(ଏସଆଣ୍ଡପି), ଆଶୁତୋଷ ରଥ, ଇଡି(ଏଚଏଣ୍ଡଏ)- ଭରପ୍ରାପ୍ତ, ସମସ୍ତ ୟୁନିୟନ ଓ ଆସୋସିଏସନ କର୍ମକର୍ତ୍ତା, ସମସ୍ତ ଜିଜିଏମ ଓ ଅନ୍ୟାନ୍ୟ ଅତିଥି ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଯୋଗାଚାର୍ଯ୍ୟ ତଥା ସନ୍ୟାସୀ ଯୋଗେଶ୍ୱରଙ୍କ ତତ୍ତ୍ୱାବଧାନରେ ଏହି ଯୋଗ ଦିବସରେ ବିଭିନ୍ନ ଆସନ ଅଭ୍ୟାସ କରାଯାଇଥିଲା।

ସିଏମଡ଼ି ଶ୍ରୀଧର ପାତ୍ର ନାଲ୍‌କୋ ଡିପିଏସସ୍କୁଲ ଅନୁଗୁଳ ଠାରେ ଆୟୋଜିତ ଅନ୍ୟ ଏକ ସମାରୋହରେ ମୁଖ୍ୟ ଅତିଥି ରୂପେ ମଧ୍ୟ ଅଂଶଗ୍ରହଣ କରି ସ୍କୁଲର ଛାତ୍ର- ଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ମାନ ପ୍ରଦର୍ଶନ କରାଯାଇଥିଲା। ଶ୍ରୀ ପାତ୍ର ନିଜ ଉଦ୍‌ବୋଧନରେ ଯୋଗର ମହତ୍ୱ ବିଷୟରେ ଆଲୋଚନା କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ବିଷୟରେ ମତ ବ୍ୟକ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ହେଲେ ପ୍ରସନ୍ନ କୁମାର ଷଡ଼ଙ୍ଗୀ

**ବଲାଙ୍ଗିର, ୨୧।୦୬: ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ପ୍ରସନ୍ନ କୁମାର ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜୁନ ୧୩ ତାରିଖ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ଷଡଙ୍ଗୀ ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଷଡଙ୍ଗୀ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ମାଣ୍ଡିଆପଦର ଗ୍ରାମର ସ୍ୱର୍ଗତ ଧନୁଧରର ଷଡଙ୍ଗୀ ଓ ଗୋପେଶ୍ୱରୀ ଷଡଙ୍ଗୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଲୋଇସିଂହାର ହରେକୃଷ୍ଣ ମହତାବ ହାଇସ୍କୁଲରୁ ମେଟ୍ରିକ ପାସ କରି ବଲାଙ୍ଗିର ରାଜେନ୍ଦ୍ର ମହାବିଦ୍ୟାଳୟରୁ ସ୍ନାତକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସାରିବା ପରେ ୧୯୯୫ ରେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ତାଙ୍କର ପ୍ରଥମ ନିଯୁକ୍ତି କଳାହାଣ୍ଡି ଜିଲ୍ଲାର ଭବାନିପାଟଣା ଠାରେ ନିଜାରତ ଅଫିସର ଭାବେ କାର୍ଯ୍ୟାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କର ବିଭିନ୍ନ ପଦପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ଏହା ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଥିଲେ। ତାଙ୍କ ନିଯୁକ୍ତିରେ ସାରା ବଲାଙ୍ଗୀର ସହରର ବୁଦ୍ଧିଜୀବୀ ମହଲରେ ତଥା ଜନ୍ମ ଗାଁ ମାଣ୍ଡିଆପଦରରେ ଖୁସିର ଲହରୀ ଖେଳିଯାଇଛି।

# କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ବ୍ୟାପିଛି ଡିପଥେରିଆ ସଂକ୍ରମଣ

**ଭୁବନେଶ୍ୱର, ୨୧।୦୬: ନ୍ୟୁଜ୍‌ବ୍ୟୁରୋ**

ଡିପଥେରିଆ ସଂକ୍ରମଣ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡାକ୍ତର ସଂଯୁକ୍ତା ସାହୁ ସୂଚନା ଦେଇ କହିଛନ୍ତି ଯେ ରାୟଗଡ଼ା ନୁହେଁ, କଳାହାଣ୍ଡି ହେଉଛି ରାଜ୍ୟରେ ଡିପଥେରିଆ ସଂକ୍ରମଣର ଉତ୍ସ। କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ବ୍ୟାପିଛି ସଂକ୍ରମଣ। ମାନୁଷପଦରରୁ ଜଣେ ବ୍ୟକ୍ତି ଇନ୍ଦ୍ରାବତୀକୁ ଯାଇଥିଲେ। ସେ ସେଠାରୁ ସଂକ୍ରମିତ ହୋଇ ମାନୁଷପଦର ଫେରିବା ପରେ ରାଜ୍ୟରେ ବ୍ୟାପିଛି ଡିପଥେରିଆ ସଂକ୍ରମଣ।

ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଳାହାଣ୍ଡି, କୋରାପୁଟରେ ଏବେ ବି ଚାଲିଛି ସର୍ଭେଲାନ୍ସ। କୋରାପୁଟ ବନ୍ଧୁଗାଁର ୩୩ ପିଲାଙ୍କୁ




ଦିଆଯାଇଛି ବୁଷ୍ଟର ଡୋଜ୍। କାଶୀପୁରର ମାନୁଷପଦର ଅଞ୍ଚଳର ୧୮ଟି ଗାଁରୁ ୧୩ ଗାଁରେ ବୁଷ୍ଟର ଡୋଜ ଟୀକାକରଣ ସରିଛି। ଏ ସବୁ ଗାଁରେ ୪୬୮ ପିଲାଙ୍କୁ ବୁଷ୍ଟର ଡୋଜ ଦିଆଯାଇଛି। ଏହାଛଡ଼ା କାଶୀପୁର ବ୍ଲକର ଅନ୍ୟ ଗାଁମାନଙ୍କରେ ଯେଉଁ ପିଲାମାନେ ଡିପଥେରିଆ ଟୀକା ବିଲକୁଲ ନେଇ ନଥିବେ, ସେମାନଙ୍କୁ ଚିହ୍ନଟ କରାଯାଇ ଟୀକା ଦିଆଯିବ।

ଡିପଥେରିଆରେ ମୃତ୍ୟୁ ହୋଇଥିବା ଜଣେ ୧୧ ବର୍ଷୀୟା ଝିଅର ଓଜନ ୧୫ କିଲୋଗ୍ରାମ ଥିଲା। ତେବେ ତାହା ଅପପୁଷ୍ଟି ନା ନାହିଁ, ସେନେଇ ଯାଞ୍ଚ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଏଣେ ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ନିଜର ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟରେ ସ୍ଥିର ରହିଛି ଡିପଥେରିଆ ସଂକ୍ରମଣ। ନୂଆ ସଂକ୍ରମଣ ହୋଇନି। ସଂକ୍ରମଣର କାରଣ ଅପପୁଷ୍ଟି ନା ନୁହେଁ, ସେନେଇ ଅନ୍ୟ ବିଭାଗ ଦ୍ୱାରା ତଦନ୍ତ ଚାଲିଛି। ଏହାର ଯାଞ୍ଚ କରିବାକୁ ଜିଲ୍ଲାପାଳ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼

**ଭୁବନେଶ୍ୱର, ୨୧।୦୬:**
**ନ୍ୟୁଜ୍‌ବ୍ୟୁରୋ**

କେତେକ ଅସନ୍ତୁଷ୍ଟ କର୍ମୀ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ କରିଥିବା ଜଣାଯାଇଛି। ସେମାନେ ମୁହଁରେ ମୁଖା ପିନ୍ଧି ଆସି କାଳିମାଡ଼ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଯୁବକମାନେ କାଳିମାଡ଼ କରିବା ସହ ପିସିସି ସଭାପତିଙ୍କ ବିରୋଧରେ ନାରାବାଜି କରିଥିବା ମଧ୍ୟ ଦେଖିବାକୁ ମିଳିଛି। ନିର୍ବାଚନ ପରିଚାଳନାକୁ ନେଇ କର୍ମୀ ଅସନ୍ତୁଷ୍ଟ ଥିବା କୁହାଯାଉଛି। ତେବେ କାଳିମାଡ଼ର ସଠିକ କାରଣ ଏଯାଏଁ ଜଣାପଡ଼ିନାହିଁ। ଭିଡିଓ ଅନୁସାରେ କିଛି ଯୁବକ ଶରତଙ୍କ ରୁମ୍ ଭିତରକୁ ପଶିଥିଲେ। ତାଙ୍କ ସହ କଥା ହୋଇ ହାତ ମଧ୍ୟ ମିଳାଇଲେ। କିନ୍ତୁ ହଠାତ ଲୁଚାଇ ରଖିଥିବା କାଳି ବୋତଲ ବାହାର କରି ତାଙ୍କ ଉପରକୁ କାଳି ଛାଟି ଦେଇଥିଲେ। ସେମାନଙ୍କ ମଧ୍ୟରୁ କିଛି ମୁହଁରେ ମୁଖା ପିନ୍ଧିଥିବା ବେଳେ ଆଉ କିଛି ଖୋଲା ମୁହଁରେ ଥିଲେ।

ଏଣେ ଘଟଣା ସଂପର୍କରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କାଳିମାଡ଼ରେ ମୁଁ ଦବିଯିବିନି। ଆମେ କାହାକୁ ଚିହ୍ନିନାହୁଁ। ପୁଲିସ ସେମାନଙ୍କୁ ଚିହ୍ନଟ କରିବ। ଏପରି କାମରେ ଏଥିରେ ଭୟଭୀତ ହେବାର ନାହିଁ। ସରକାରଙ୍କ ବିରୋଧରେ କିଛି କାର୍ଯ୍ୟକ୍ରମ କରାଯିବାର ଅଛି। ଏଥିପାଇଁ କିଛି ଦୁର୍ବୃତ୍ତ ଆସି ଏପରି କାଣ୍ଡ ଭିଆଇଛନ୍ତି।




ଭୁବନେଶ୍ୱର : ବିଶ୍ୱ ସଂଗୀତ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସଂଗୀତ ସନ୍ଧ୍ୟାରେ କଳାକାରଙ୍କ ସମ୍ବଲପୁରୀ ସଂଗୀତ ପରିବେଷଣ। (ଫଟୋ : ସମ୍ବାଦ କଳିକା)

# ସମ୍ବଲପୁରରେ ଜଣ୍ଡିସ ଆତଙ୍କ : ଆଉ ୧୯ ଆକ୍ରାନ୍ତ ଚିହ୍ନଟ

**ସମ୍ବଲପୁର, ୨୧।୦୬: ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁରକୁ ଜଣ୍ଡିସ ଚିନ୍ତା। ସମ୍ବଲପୁରର ସହରର ଧୁବାପଡା, କୁମ୍ଭାରପଡ଼ା, ଶାଳିଆ ବଗିଚା ଆଦି ଅଞ୍ଚଳରେ ଜଣ୍ଡିସ ବଢିବାରେ ଲାଗିଛି। ଶୁକ୍ରବାର ପୁଣି ନୂଆ ୧୯ ଜଣ ଜଣ୍ଡିସ ରୋଗୀ ସହରରେ ପଜିଟିଭ ଥିବା ସିଡ଼ିଏମଓ କହିଛନ୍ତି। ତେବେ ମୋଟ ସହରରେ ୬୮ ଜଣ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସମସ୍ତେ ଘରେ ରହି ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ମେଡିକାଲ ଟିମ୍‌କୁ ଆହୁରି ବଢାଯାଇଛି। ଘରକୁ ଘର ବୁଲି ବ୍ଲଡ଼ ସାମ୍ପୁଲ ସଂଗ୍ରହ କରୁଛନ୍ତି ମେଡ଼ିକାଲ ଟିମ୍। ଯଦି କାହାର ପଜିଟିଭ ଜଣାପଡୁଛି ତା'ହେଲେ ସଙ୍ଗେସଙ୍ଗେ ଟ୍ରିଟମେଣ୍ଟ ଆରମ୍ଭ କରାଯାଉଛି। ସମସ୍ତ ରୋଗୀ ପ୍ରାୟ ୧୪ବର୍ଷରୁ କମ୍। ତେଣୁ ଛୁଆ ମାନଙ୍କୁ



ବାହାର ଖାଦ୍ୟ ନ ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସହରରେ ବିକ୍ରି ହେଉଥିବା ମୃଦୁ ପାନୀୟ ବେପାରୀମାନଙ୍କୁ ମଧ ମେଡିକାଲ ଟିମ୍ ଯାଞ୍ଚ କରି ସେଠୁ ମଧ୍ୟ ନମୁନା ସଂଗ୍ରହ କରୁଛନ୍ତି।

# ଡ.କେଶବ ବଳିରାମ ହେଡଗେୱାରଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୦୬:**
**ନ୍ୟୁଜ୍‌ବ୍ୟୁରୋ**

ଡ.କେଶବ ବଳିରାମ ହେଡଗେୱାରଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପରମ ଶ୍ରଦ୍ଧେୟ ଡ.କେଶବ ବଳିରାମ ହେଡଗେୱାରଜୀ ଭାରତ ମାତାର ସେବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭାବେ ଯେଉଁ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳିତ କରିଥିଲେ ତାହା ଆଜି ଭାରତୀୟ ସଂସ୍କୃତିର ରକ୍ଷା ଓ ରାଷ୍ଟ୍ରହିତ ସର୍ବୋପରି ମୂଲ୍ୟକୁ ନେଇ ବର୍ତ୍ତମାନ ପିଢିକୁ ନିସ୍ୱାର୍ଥ ରାଷ୍ଟ୍ରସେବାର ମାର୍ଗକୁ ପ୍ରଶସ୍ତ କରୁଛି । ନିଜର ସଂପୂର୍ଣ୍ଣ ଜୀବନ ଦେଶ ଓ ସମାଜ ନିର୍ମାଣକୁ ସମର୍ପିତ କରୁଥିବା ଏଭଳି ଅନନ୍ୟ ରାଷ୍ଟ୍ର ଉପାସକଙ୍କ ପୁଣ୍ୟତିଥି ଅବସରରେ ସାଦର ପ୍ରଣାମ ।

# ମାଓବାଦୀ ଗୁମ୍ଫାରେ ଲୁଚାଇ ରଖିଥିବା ବିସ୍ଫୋରକ ସାମଗ୍ରୀ ଉଦ୍ଧାର

**ମାଲକାନଗିରି, ୨୧।୦୬: ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ବଡିଗାଟା ଗ୍ରାମ ନିକଟରେ ମାଓ ଦମନ ପାଇଁ ମୁତୟନ ହୋଇଥିବା ୧୪୨ ବାଟାଲିଅନର ବିଏସଏଫ ଯବାନମାନେ ବେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲରେ ସର୍ଚ୍ଚ ଅପରେସନ ଚଳାଇଥିଲେ। ଏହି ସମୟରେ ସେମାନେ କୁରମାନୁର ପଞ୍ଚାୟତ ଦୁଲାଗୁଣ୍ଡି ଗ୍ରାମ ନିକଟରେ ଏକ ପଥର ଗୁମ୍ଫାରେ ମାଓବାଦୀଙ୍କ ଦ୍ୱାରା ଡମ୍ପ କରାଯାଇ ମାଓ ସାମଗ୍ରୀ ଲୁଚାଇ ରଖିଥିବା ଦେଖିବାକୁ ପାଇଥିଲେ । ପରେ ଯବାନମାନେ ସୁରକ୍ଷିତ ଭାବେ ଉକ୍ତ ଗୁମ୍ଫାରୁ ମାଓ ସାମଗ୍ରୀକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାମଗ୍ରୀଗୁଡିକ ମଧ୍ୟରେ ଦେଶୀ ବନ୍ଧୁକ, ଇଲେକ୍ଟ୍ରି ଡିଟୋନେଟର, ଜିଲୋଟିନ ଷ୍ଟିକ, ସୋଲାର ପ୍ଲେଟ, ବ୍ୟାଟେରୀ, ସିଲିଣ୍ଡର ଓ ମେଡ଼ିସିନ ପ୍ରଭୃତି ରହିଛି । ଜବତ ମାଓ ବିସ୍ଫୋରକ ସାମଗ୍ରୀଗୁଡିକୁ ଯବାନମାନେ କ୍ୟାମ୍ପକୁ ଆଣିଛନ୍ତି।

# ବାୟୁ ପ୍ରଦୂଷଣ : ପ୍ରତି ଘଣ୍ଟାରେ ୮୦ ଶିଶୁଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୧।୬**

ବାୟୁ ପ୍ରଦୂଷଣ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅତି ସାଂଘାତିକ କ୍ଷତି ପହଞ୍ଚାଉଛି । ବିଷାକ୍ତ ବାୟୁ ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮ ଲକ୍ଷ ଶିଶୁଙ୍କ ଜୀବନ ନେଉଛି ଏବଂ ପ୍ରତି ଘଣ୍ଟାରେ ୮୦ ଜଣ ଶିଶୁ ପ୍ରଦୂଷଣଜନିତ ମୃତ୍ୟୁର ଶିକାର ହେଉଥିବା ଏକ ଆକଳନରୁ ଜଣାପଡ଼ିଛି। ଦକ୍ଷିଣ ଏସିଆରେ ୫ ବର୍ଷରୁ କମ୍ ବୟସର ଶିଶୁ ବାୟୁ ପ୍ରଦୂଷଣ ଯୋଗୁଁ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ବାୟୁ ପ୍ରଦୂଷଣ ଏଠାରେ ଶିଶୁ ମୃତ୍ୟୁର ଦ୍ୱିତୀୟ ବୃହତ୍ତମ କାରଣ ଭାବେ ଉଭା ହୋଇଛି। 'ଗ୍ଲୋବାଲ ବର୍ଡନ ଅଫ ଡିଜିଜ'ର ଏକ ଆକଳନ ଅନୁଯାୟୀ ଦକ୍ଷିଣ ଏସିଆରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁହାର ପ୍ରତି ୧ ଲକ୍ଷରେ ୧୬୪ ରହୁଛି।



ଅନ୍ୟପକ୍ଷେ ବୈଶ୍ୱିକ ସ୍ତରରେ ଏହା ୧ଲକ୍ଷରେ ହାରାହାରି ୧୦୮ ରହୁଛି । ୨୦୨୧ରେ ଭାରତରେ ବାୟୁ ପ୍ରଦୂଷଣ ଜନିତ ଶିଶୁ ମୃତ୍ୟୁ ସର୍ବାଧିକ ୧୬୯,୪୦୦ ଥିବାବେଳେ ନାଇଜେରିଆରେ ୧୧୪,୧୦୦, ପାକିସ୍ତାନରେ ୬୮,୧୦୦, ଇଥିଓପିଆରେ ୩୧,୧୦୦ ଏବଂ ବାଂଲାଦେଶରେ ୧୯,୧୦୦ ବାୟୁ ପ୍ରଦୂଷଣ ଯୋଗୁଁ ଶିଶୁମାନଙ୍କ ସ୍ୱାସ୍ଥ୍ୟରେ ଅତ୍ୟନ୍ତ ଖରାପ ପ୍ରଭାବ ପଡୁଛି। ମା' ଗର୍ଭରୁ ହିଁ ବାୟୁ ପ୍ରଦୂଷଣ ଶିଶୁର ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି। ଏହାଦ୍ୱାରା ସମୟ ହେବା ପୂର୍ବରୁ ଶିଶୁ ଜନ୍ମ ନେବା ଏବଂ ନବଜନ୍ମିତ ଶିଶୁର ଓଜନ କମ୍ ରହିବା, ଶ୍ୱାସ ଏବଂ ଫୁସଫୁସ ଜନିତ ସମସ୍ୟା ମଧ ବଢୁଛି।

୨୦୨୧ରେ ବାୟୁ ପ୍ରଦୂଷଣଜନିତ କାରଣ ପାଇଁ ଦକ୍ଷିଣ ଏସିଆରେ କେବଳ ୫ ବର୍ଷରୁ କମ ୨,୬୦,୬୦୦ ଶିଶୁଙ୍କ ମୃତ୍ୟୁ ହୋଇଛି। କୁପୋଷଣ ପରେ ଦକ୍ଷିଣ ଏସିଆରେ ଏହା ୫ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁ ପାଇଁ ଦ୍ୱିତୀୟ ବୃହତ୍ତମ କାରଣ ହୋଇଛି। ନିର୍ଦ୍ଦିଷ୍ଟ ଭାବେ ଦକ୍ଷିଣ ଏସିଆ, ପୂର୍ବ, ପଶ୍ଚିମ, କେନ୍ଦ୍ରୀୟ ଏବଂ ଦକ୍ଷିଣ ଆଫ୍ରିକାରେ ପ୍ରଦୂଷଣ ଯୋଗୁଁ ଶିଶୁଙ୍କ ମଧ୍ୟରେ ମୃତ୍ୟୁ ବଢୁଛି। ଅଧିକାଂଶ ଶିଶୁ ନିମୋନିଆ ଓ ଶ୍ୱାସରୋଗର ଶିକାର ହେଉଛନ୍ତି । ୨୦୨୧ରେ ବାୟୁ ପ୍ରଦୂଷଣ ଯୋଗୁଁ ସାରା ବିଶ୍ୱରେ ୮.୧ ନିୟୁତ ଲୋକ ପ୍ରାଣ ହରାଇଛନ୍ତି।

# ରାଜଧାନୀରେ ଚାଞ୍ଚଲ୍ୟ : ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୧।୦୬**
**ନ୍ୟୁଜ୍‌ବ୍ୟୁରୋ**

ତମାଣ୍ଡୋ ଥାନା ଅନ୍ତର୍ଗତ ଏକ ଇଞ୍ଜିନିୟରିଂ କଲେଜ ନିକଟ ରାସ୍ତାରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବ୍ୟକ୍ତି ହେଲେ ଖୋର୍ଦ୍ଧା ଅଞ୍ଚଳର ସୁଶାନ୍ତ ଶତପଥୀ। ଅଭିଯୁକ୍ତର ନାମ ରଞ୍ଜନ ଦୀପ। ପୁଲିସର ସୂଚନା ଅନୁସାରେ, ବୌଦ୍ଧ ଅଞ୍ଚଳର ରଞ୍ଜନ ନାମକ ଜଣେ ଯୁବକ ଓ ସୁଶାନ୍ତ ଏକାଠି ଭଡ଼ା ଘରେ ରହୁଥିଲେ। ସୁଶାନ୍ତ ରୋଷେୟା ଭାବେ କାମ କରୁଥିବା ବେଳେ ରଞ୍ଜନ ମିସ୍ତ୍ରୀ ଭାବେ କାମ କରନ୍ତି। ଗୁରୁବାର ରାତିରେ ଉଭୟ ନିଶାଶକ୍ତ ଅବସ୍ଥାରେ ଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ସୁଶାନ୍ତଙ୍କୁ ରଞ୍ଜନ ଲୁହାଛଡ଼ରେ ନିସ୍ତୁକ ମାଡ଼ ମାରିଥିଲା। ଏଥିରେ ସେ ରକ୍ତାକ୍ତ ହୋଇଥିଲେ। ଶୁକ୍ରବାର ସକାଳେ ସୁଶାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣକୁ ନେଇ ରଞ୍ଜନ ଅତି ବୀଭତ୍ସ ଭାବେ ଲୁହାଛଡ଼ରେ ସୁଶାନ୍ତକୁ ପିଟିପିଟି ହତ୍ୟା କଲା ତାହା ଜଣାପଡ଼ିନି। ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ନିଟ୍ କାଉନସିଲିଂ ଉପରେ ରୋକ୍ ଲଗାଇବାକୁ ପୁଣି ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୧।୦୬**

ନିଟ୍ କାଉନସିଲିଂ ଉପରେ ରୋକ୍ ଲଗାଇବାକୁ ଶୁକ୍ରବାର ପୁଣି ଥରେ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଭ୍ୟାକେସନ ବେଞ୍ଚ ନିଟ୍‌କୁ ନେଇ ଶୁକ୍ରବାର ଦୁଇଟି ପିଟିସନର ଶୁଣାଣି କରି ଏନଟିଏକୁ ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୋର୍ଟ ଏନଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ପିଟିସନ ଉପରେ ବାକି ମାମଲା ସହିତ ଜୁଲାଇ ୮ରେ ଶୁଣାଣି ହେବ।

ଗୋଟିଏ ପିଟିସନରେ କୁହାଯାଇ ଥିଲା ଯେ, ଯେଉଁ ୧୫୬୩ ପ୍ରାର୍ଥୀଙ୍କ ପୁଣି ଥରେ ପରୀକ୍ଷା ଦେବାକୁ ସୁଯୋଗ ଦିଆଯାଉଛି, ସେମାନଙ୍କ ମଧ୍ୟରୁ ୬ଶହ ପୂର୍ବରୁ ଅସଫଳ ହୋଇଛନ୍ତି, ଏହା ଏନଟିଏ କୋର୍ଟକୁ ଲୁଚାଇଛନ୍ତି। ଅନ୍ୟ ପିଟିସନରେ ପେପର ଲିକ୍ ମାମଲାର ସିବିଆଇ ତଦନ୍ତ ପାଇଁ ଦାବି ହୋଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ତଦନ୍ତ ପାଇଁ ଦାବି ବିଭିନ୍ନ ମହଲରୁ ଉଠିଥିଲା।